Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 Issue No:9 26 April 2026 (Sunday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୯ ୨୬ ଏପ୍ରିଲ ୨୦୨୬ (ରବିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ଫ୍ରାନ୍ସରେ ଜମିବ ମୋଦୀ-ଟ୍ରମ୍ପଙ୍କ ଯୋଡ଼ି :

ଜି୭ ସମ୍ମିଳନୀରେ ହେବ ଦୁଇ ଶକ୍ତିଶାଳୀ ନେତାଙ୍କ ମହାମିଳନ

ନୂଆଦିଲ୍ଲୀ, ୨୫।୪: ବିଶ୍ୱ ରାଜନୀତିରେ ବଢ଼ିବ ଭାରତର ଦବଦବା । ଜୁନ୍‌ରେ ମୋଦୀ-ଟ୍ରମ୍ପ ଭେଟଘାଟ । ବିଶ୍ୱ ରାଜନୀତିର ଦୁଇ ପ୍ରଭାବଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆସନ୍ତା ଜୁନ୍ ମାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି । ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ଜି୭ ସମ୍ମିଳନୀ ଅବସରରେ ଏହି ଦୁଇ ନେତାଙ୍କ ମଧ୍ୟରେ ସାକ୍ଷାତକାର ହେବାର ସମ୍ଭାବନା ରହିଛି । ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଏହି ବୈଠକ ଏକ ମାଇଲଖୁଂଟ ସଦୃଶ ହେବ ବୋଲି ଆଶା କରାଯାଉଛି ।ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ଏହି ମହତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ମେ' ମାସରେ ଭାରତ ଗସ୍ତରେ ଆସିବେ । ନୂଆଦିଲ୍ଲୀରେ ସେ ଭାରତୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରି ଜୁନ୍‌ରେ ବୈଠକ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବେ । ଉଭୟ ଦେଶର କୂଟନୈତିଜ୍ଞମାନେ ବର୍ତ୍ତମାନ ଏହି ସମ୍ମିଳନୀ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି । ଗତ କିଛି ସମୟ ଧରି ଭାରତ ଏବଂ ଆମେରିକା ମଧ୍ୟରେ କେତେକ ବିଷୟକୁ ନେଇ ସାମାନ୍ୟ ତିକ୍ତତା ଦେଖାଦେଇଛି । ବିଶେଷ କରି ଟ୍ରମ୍ପଙ୍କ କିଛି ନକାରାତ୍ମକ ଟିପ୍ପଣୀ ଯୋଗୁଁ ସୃଷ୍ଟି ହୋଇଥିବା ଦୂରତାକୁ ଦୂର କରିବାକୁ ଆମେରିକା ଚାହୁଁଛି । ଟ୍ରମ୍ପଙ୍କ ପାକିସ୍ତାନ ପ୍ରତି କୋମଳ ମନୋଭାବକୁ ନେଇ ଭାରତରେ ସାମାନ୍ୟ ଅସନ୍ତୋଷ ରହିଛି । ଆମେରିକା ପ୍ରଶାସନ ଉପରେ ବର୍ତ୍ତମାନ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ବଡ଼ ଧରଣର ଚାପ ରହିଛି ।ଏହି ପ୍ରସ୍ତାବିତ ବୈଠକ ପୂର୍ବରୁ ଏପ୍ରିଲ ୧୭ ତାରିଖରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ମୋର ବନ୍ଧୁ' ବୋଲ କହିଛନ୍ତି । ସେ କହିଛନ୍ତି ଯେ, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମୋର ଅତ୍ୟନ୍ତ ଭଲ ବାର୍ତ୍ତାଳାପ ହୋଇଛି । ସେ ଭାରତ ପାଇଁ ବହୁତ ଭଲ କାମ କରୁଛନ୍ତି ଏବଂ ଆମ ମଧ୍ୟରେ ରହିଥିବା ବନ୍ଧୁତା ସୁଦୃଢ଼ ରହିଛି ।'ଫ୍ରାନ୍ସରେ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରେ :ସାମୁଦ୍ରିକ ସୁରକ୍ଷା : ସମୁଦ୍ର ପଥରେ ବାଣିଜ୍ୟ ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ରଣନୈତିକ ସହଯୋଗ ।ରଣନୈତିକ ସହଭାଗିତା : ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବା । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଫୋନ୍ ଯୋଗେ ହୋଇଥିବା ବାର୍ତ୍ତାଳାପ ପରେ ବିଶ୍ୱ ସମୁଦାୟର ନଜର ଏବେ ଜୁନ୍‌ରେ ହେବାକୁ ଥିବା ଜି୭ ସମ୍ମିଳନୀ ଉପରେ ରହିଛି । ଫ୍ରାନ୍ସ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରି ସାରିଥିବା ବେଳେ, ଟ୍ରମ୍ପଙ୍କ ଯୋଗଦାନ ନେଇ ଆନୁଷ୍ଠାନିକ ଘୋଷଣା ବାକି ଅଛି । ତେବେ ଉଭୟ ନେତାଙ୍କ ଏହି ସାକ୍ଷାତକାର ଭାରତ-ଆମେରିକା ସମ୍ପର୍କର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ଆମେରିକା-ଇରାନ ଯୁଦ୍ଧ ପରେ ପ୍ରଥମଥର ପାଇଁ ତେହେରାନ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ

ତେହେରାନ,୨୫/୪: ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧର ଦୁଇ ମାସ ପରେ ତେହେରାନ ବିମାନବନ୍ଦର ପୁଣି ଖୋଲିଛି । ଯଦିଓ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଏବେ ଶେଷ ହୋଇଛି, ତଥାପି ଉତ୍ତେଜନା ବୃଦ୍ଧି ପାଇଛି । ଏହି ସମୟରେ, ତେହେରାନର ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦର ଶନିବାର ସକାଳେ କିଛି ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଆରମ୍ଭ କରିଛି । ଇରାନର ମେହର ନ୍ୟୁଜ୍ ଏଜେନ୍ସି ରିପୋର୍ଟ ଅନୁଯାୟୀ, ପ୍ରଥମ ଯାତ୍ରୀମାନେ ମଦିନା, ମସ୍କଟ ଏବଂ ଇସ୍ତାନବୁଲ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶା କରାଯାଉଛି । ଚଳିତ ସପ୍ତାହର ଆରମ୍ଭରେ, ଇରାନର ଉତର-ପୂର୍ବରେ ଥିବା ଦ୍ୱିତୀୟ ବୃହତମ ସହର ମାଶାଦର ବିମାନବନ୍ଦର ମଧ୍ୟ ପୁନର୍ବାର ଖୋଲାଯାଇଥିଲା । ଏହା ପରେ, ଦେଶର କିଛି ସ୍ଥାନରେ ଧୀରେ ଧୀରେ ବିମାନ ଯାତ୍ରା ଆରମ୍ଭ ହୋଇଛି । ଇରାନ,ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧରେ ତେହେରାନର ଅନେକ ବିମାନବନ୍ଦର ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଇସ୍ରାଏଲ ପକ୍ଷରୁ ବାହାମ ବିମାନବନ୍ଦର, ମେହରବାଦ ବିମାନବନ୍ଦର ଏବଂ ଆଜମାୟେଶ୍ ବିମାନବନ୍ଦର ଉପରେ ଆକ୍ରମଣ କରାଯାଇଥିଲା । ଆମେରିକା ଏବଂ ଇସ୍ରାଏଲ ମଧ୍ୟ ଅନେକ ପ୍ରମୁଖ ଇରାନ ସହର ଉପରେ ପ୍ରବଳ ବୋମା ମାଡ଼ କରିଥିଲେ,ଯାହା ଫଳରେ ବହୁ ଧନଜୀବନ ନଷ୍ଟ ହୋଇଥିଲା ।

ବୁଝାମଣା ପାଇଁ ହୋର୍ମୁଜରେ ଇରାନକୁ ଘେରିବାକୁ ଆମେରିକାର ପ୍ରସ୍ତୁତି, ତେହେରାନର ଜବାବ- ଦେଖିବୁ

ୱାଶିଂଟନ/ତେହେରାନ, ୨୫/୪: ଆମେରିକୀୟ ସେନା ବର୍ତ୍ତମାନ ହୋର୍ମୁଜ୍ ପ୍ରଣାଳୀରେ ଇରାନର ବର୍ତ୍ତମାନ ପ୍ରତିରକ୍ଷା ଠିକଣାଗୁଡ଼ିକୁ ଲକ୍ଷ୍ୟ କରିବା ପାଇଁ ଯୋଜନା କରୁଛି । ଯଦି ସଂଘର୍ଷ ବିରାମ (ଯୁଦ୍ଧ ବିରାମ/ସିଜ୍‌ଫାୟର) ବିଫଳ ହୁଏ, ତେବେ ଆମେରିକୀୟ ସେନା ସଙ୍କେତ ମିଳିଲେ ସହିତେ ଇରାନର ସାମରିକ ଆଧାରଗୁଡ଼ିକ ଉପରେ ସମନ୍ୱିତ ଆକ୍ରମଣ ଆରମ୍ଭ କରିପାରେ । ଅନ୍ୟପଟେ, ଇରାନ ଏପରି ପ୍ରସ୍ତୁତି ପ୍ରତି ଅଚିନ୍ତିତ ଦେଖାଯାଉଛି । ସର୍ବୋଚ୍ଚ ନେତା କହିଛନ୍ତି ଯେ ପରିସ୍ଥିତି ଅନୁଯାୟୀ ସିଦ୍ଧାନ୍ତ ନିଆଯିବ ଏବଂ ଯୁଦ୍ଧରୁ ପଛକୁ ହଟିବେ ନାହିଁ । ସିଏନଏନ୍, ଦ ଟାଇମ୍ସ ଅଫ୍ ଇଜରାଇଲ ଓ ଫକ୍ସ ନ୍ୟୁଜ୍‌ର ଖବର ଅନୁଯାୟୀ, ଆମେରିକୀୟ ସାମରିକ ଅଧିକାରୀମାନେ ଇରାନ ସହ ବର୍ତ୍ତମାନର ସଂଘର୍ଷ ବିରାମ ଭଙ୍ଗ ହେଲେ ହୋର୍ମୁଜ୍ ପ୍ରଣାଳୀରେ ଇରାନର କୌଶଳୀୟ କ୍ଷମତାକୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତି ନେଉଛନ୍ତି । ଏହି ଆକ୍ରମଣଗୁଡ଼ିକ ହୋର୍ମୁଜ୍ ପ୍ରଣାଳୀ, ଦକ୍ଷିଣ ଆରବ ଉପସାଗର ଓ ଓମାନ ଉପସାଗର ଆଖପାଖରେ କେନ୍ଦ୍ରିତ ହୋଇପାରେ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ସହ ସ୍ଥାୟୀ ଯୁଦ୍ଧ ବିରାମ ସମ୍ମତି କରିବା ପାଇଁ ଇରାନକୁ ହିଜବୁଲ୍ଲାହକୁ ଅର୍ଥ ସହାୟତା ବନ୍ଦ କରିବାକୁ ପଡ଼ିବ ।

ମେ ୧ରୁ ଭିତରକନିକା ବନ୍ଦ

ରାଜକନିକା,୨୫/୪(ନି/ପ୍ର) :ମେ ୧ରୁ ଭିତରକନିକା ବନ୍ଦ । କୁମ୍ଭୀର ପ୍ରଜନନ ପାଇଁ ମେ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ । ଏହି ସମୟରେ ବଉଳା କୁମ୍ଭୀର ମାନେ ହିଂସ୍ର ହୋଇଥାନ୍ତି । ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ମାସ ପାଇଁ ଭିତରକନିକା ବନ୍ଦ ରଖାଯିବ ବୋଲି କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର । ଏହାର ମୁଖ୍ୟ କାରଣ ହେଲା ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହେତୁ ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ ।ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ପର୍ଯ୍ୟଟକମାନଙ୍କ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ ।ସାଧାରଣତଃ ଶୀତକାଳରେ ଭିତରକନିକାରେ ହଜାର ହଜାର ପର୍ଯ୍ୟଟକ ଭିଡ଼ ହୁଏ । ବିଶେଷକରି ବଉଳ କୁମ୍ଭୀର ଦେଖିବା ଓ ମ୍ୟାଙ୍ଗ୍ରୋଭ ଜଙ୍ଗଲର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଏଠାକୁ ଲୋକେ ଭିଡ଼ କରନ୍ତି । କିନ୍ତୁ ଏବେ ପ୍ରକୃତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏହି ସ୍ଥଳ କିଛି ଦିନ ପାଇଁ ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ ।

'ମହାନଦୀ ଟ୍ରିବ୍ୟୁନାଲ୍' ; ମୁଖ୍ୟମନ୍ତ୍ରୀଙ୍କୁ ସସ୍ମିତଙ୍କ ଚିଠି

ଭୁବନେଶ୍ୱର,୨୫/୪(ନି/ପ୍ର): ପୁଣି ବର୍ଷିଲେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର । ମେଟ୍ରୋ, ସିଜିମାଳୀ ପରେ ଏବେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶନାମାକୁ ନେଇ ବର୍ଷିଛନ୍ତି ସସ୍ମିତ । ମହାନଦୀ ଜଳ ବିବାଦ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ସସ୍ମିତ ପାତ୍ର । ଏହାକୁ ନେଇ ସେ ଏକ ଭିଡିଓ ବାର୍ତ୍ତା ମଧ୍ୟ ଦେଇଛନ୍ତି । ସେ କହିଛନ୍ତି, ମହାନଦୀ ଟ୍ରିବୁନାଲ ୨୦ ଏପ୍ରିଲ ୨୦୨୬ରେ ଏକ ଶୁଣାଣି ହୋଇଥିଲା । ହୋଇଥିବା ଶୁଣାଣିରେ ଟ୍ରିବୁନାଲ ସ୍ପଷ୍ଟ ଭାବରେ କହିଛନ୍ତି, ଯେଉଁପ୍ରକାରେ କାର୍ଯ୍ୟଧାରାରେ ମନ୍ଥରତା ଓ ପରିଚାଳନା ହେଉଛି ଏହାକୁ ସେମାନେ ଖୁସି ନୁହଁନ୍ତି, ସେମାନେ ଅସନ୍ତୁଷ୍ଟ ଅଛନ୍ତି । ମାମଲାର ପରିଚାଳନା ଶୈଳୀକୁ ନେଇ ଟ୍ରିବ୍ୟୁନାଲ୍ ଅସନ୍ତୋଷ ପ୍ରକାଶ କରିଛନ୍ତି । ବାରମ୍ବାର ସ୍ଥଗିତ ସହ କୌଣସି ଆଖିଦୃଶିଆ ଅଗ୍ରଗତି ବିନା ପକ୍ଷମାନେ ବାରମ୍ବାର ସମୟ ମାଗୁଛନ୍ତି ବୋଲି ମଧ୍ୟ ସେମାନେ ଉଲ୍ଲେଖ କରିଛନ୍ତି । ପ୍ରତିଶ୍ରୁତି ପାଳନରେ ବିଫଳତା ସହ ୦୮.୦୪.୨୦୨୬ ରିଖ ବୈଠକର ବିବରଣୀ ଚୂଡ଼ାନ୍ତ କରିବା ପାଇଁ ୧୧.୦୪.୨୦୨୬ ରେ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା କରାଯାଇ ନାହିଁ । ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପ୍ରସ୍ତାବ ଏପର୍ଯ୍ୟନ୍ତ ରେକର୍ଡରେ ରଖାଯାଇ ନାହିଁ । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଦେଇଥିବା ନିର୍ଦ୍ଦେଶନାମାରେ ଓଡ଼ିଶା ପ୍ରତି କରାଯାଇଥିବା ପ୍ରତିକୂଳ ମନ୍ତବ୍ୟ ସମ୍ପର୍କରେ ସାଂସଦ ଡଃ ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ଅବଗତ କରାଇଛନ୍ତି । ବାର୍ଷିକ ଜଳ ଉପଲବ୍ଧତା ସମ୍ପର୍କିତ ନିଷ୍ପତି ଓଡ଼ିଶାର ଜଳ ବଂଟନ ଏବଂ ବ୍ୟବହାର ଅଧିକାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବିବରଣୀ ଚୂଡ଼ାନ୍ତ ନହେବା ଫଳରେ ଓଡ଼ିଶାର ବୈଷୟିକ ଏବଂ ପ୍ରମାଣଭିତିକ ସ୍ଥିତି ଦୁର୍ବଳ ହୋଇପାରେ । ଏହି ବିବାଦ ଓଡ଼ିଶାର ଅନେକ ଜିଲ୍ଲାର ଚାଷ କାର୍ଯ୍ୟ, ପାନୀୟ ଜଳ ଏବଂ ପରିବେଶ ସୁରକ୍ଷା ସହିତ ସିଧାସଳଖ ଜଡ଼ିତ । ଛତିଶଗଡ଼ ସରକାରଙ୍କ ସହ ଉଚ୍ଚସ୍ତରୀୟ ରାଜନୈତିକ ବା ପ୍ରାଶାସନିକ ଆଲୋଚନା ମାଧ୍ୟମରେ ସହମତି ପାଇଁ ଚେଷ୍ଟା କରିବା ।

ଆରାଘଚି ପାକିସ୍ତାନରେ ପହଞ୍ଚିବା ମାତ୍ରେ ଇରାନ କହିଲା ଆମେରିକା ସହିତ ହେବନି କୌଣସି ଆଲୋଚନା

ଇସଲାମାବାଦ,୨୫/୪: ଇରାନ-ଆମେରିକା ଶାନ୍ତି ଚୁକ୍ତି ପୁଣି ଲଟକିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଗସ୍ତରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ପହଞ୍ଚିଛନ୍ତି । ତାଙ୍କର ଗୁରୁତ୍ୱପୂର୍ଣ୍ଣ ଗସ୍ତ ଯୋଗୁଁ ବିଶ୍ୱ ଗଣମାଧ୍ୟମରେ ଆଗାମୀ ଇରାନ-ଆମେରିକା ଆଲୋଚନା ବିଷୟରେ ବ୍ୟାପକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ତଥାପି, ଇରାନର ବୈଦେଶିକ ମନ୍ତ୍ରଣାଳୟ ଆଗକୁ ଆସି ଏହି ସମସ୍ତ ମିଥ୍ୟା କଳ୍ପନାଜଳ୍ପନାକୁ ସ୍ପଷ୍ଟ ଭାବରେ ଖଣ୍ଡନ କରିଛି । ଇରାନ ସ୍ପଷ୍ଟ ଭାବେ କରିଛି ଯେ, ଏହି ଗସ୍ତ ସମୟରେ ଆମେରିକା ସହିତ କୌଣସି ପ୍ରକାରର ସିଧାସଳଖ ଆଲୋଚନା ହେବ ନାହିଁ । ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିର ଏବଂ ବୈଦେଶିକ ମନ୍ତ୍ରୀ ଇସାକ ଡାର ନୁର ଖାନ ଏୟାର ବେସରେ ଇରାନ ପ୍ରତିନିଧିମଣ୍ଡଳୀଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ । ଏହି କୂଟନୈତିକ ଗସ୍ତର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଏହି ଅଂଚଳରେ ଶାନ୍ତି ପୁନଃସ୍ଥାପନ ପାଇଁ ଜାରି ମଧ୍ୟସ୍ଥତା ଏବଂ ସମ୍ଭାବନା ପ୍ରୟାସକୁ ତ୍ୱରାନ୍ୱିତ କରିବା । ଆମେରିକା ଦ୍ୱାରା ଲଗାଯାଇଥିବା ଯୁଦ୍ଧକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ପାଇଁ ଏହି ନୂତନ କୂଟନୈତିକ ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଇସଲାମାବାଦ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପରଦା ପଛରେ ନୀରବ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିଆସୁଛି । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଆନୁଷ୍ଠାନିକ ଭାବରେ ଏହି ଗସ୍ତ ଘୋଷଣା କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଇସଲାମାବାଦରେ ଆମେରିକା ସହିତ ଏପର୍ଯ୍ୟନ୍ତ କୌଣସି ବୈଠକର ଯୋଜନା କରାଯାଇ ନାହିଁ । ଗସ୍ତ ସମୟରେ ଇରାନର ପର୍ଯ୍ୟବେକ୍ଷଣ ଏବଂ ଗୁରୁତ୍ୱପୂର୍ଣ୍ଣ ମତାମତ ନେଇ କେବଳ ଉଚ୍ଚସ୍ତରୀୟ ପାକିସ୍ତାନୀ ଅଧିକାରୀଙ୍କ ସହିତ ଆଲୋଚନା ହେବ । ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତର କିଛି ସମୟ ପୂର୍ବରୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଇରାନ ସମ୍ଭବତଃ ଏକ ନୂତନ ପ୍ରସ୍ତାବ ପ୍ରସ୍ତୁତ କରୁଛି । ଟ୍ରମ୍ପଙ୍କ ଅନୁଯାୟୀ,ଆମେରିକାର ବିଭିନ୍ନ ଦାବିକୁ ପୂର୍ଣ୍ଣ ଭାବରେ ପୂରଣ କରିବା ପାଇଁ ଏହି ସ୍ୱତନ୍ତ୍ର କୂଟନୈତିକ ପଦକ୍ଷେପ ନିଆଯାଉଛି । ତେବେ ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଆମେରିକା ଏହି ନୂତନ ପ୍ରସ୍ତାବ ବିଷୟରେ ଏପର୍ଯ୍ୟନ୍ତ କୌଣସି ବିସ୍ତୃତ ସୂଚନା ପାଇନାହିଁ । ହ୍ୱାଇଟ୍ ହାଉସ୍ ମଧ୍ୟ ନିକଟରେ ଘୋଷଣା କରିଛି ଯେ ଏହା ଖୁବ୍ ଶୀଘ୍ର ଆଲୋଚନା ପାଇଁ ପାକିସ୍ତାନକୁ ସ୍ୱତନ୍ତ୍ର ଦୂତ ପଠାଇବ । ଟ୍ରମ୍ପ ତାଙ୍କ ଜ୍ୱାଇଁ ଜାରେଡ୍ କୁଶନର ଏବଂ ଦୂତ ଷ୍ଟିଭ୍ ୱିଟକଫଙ୍କୁ ଇସଲାମାବାଦ ପଠାଇବାକୁ ଯୋଜନା କରୁଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଆଂଚଳିକ ଶାନ୍ତି ସ୍ଥାପନ ଏବଂ ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ପୁଣି ଆରମ୍ଭ କରିବା ଦିଗରେ ଏକ ବଡ଼ ସଙ୍କେତ ଭାବରେ ଦେଖାଯାଉଛି । ଏହି ସ୍ୱତନ୍ତ୍ର ଗସ୍ତ ସମୟରେ ଆରାଘଚି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ପରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏକ ଲମ୍ବା ଯାତ୍ରା ଜାରି ରଖିବେ । ଇସଲାମାବାଦରେ ତାଙ୍କର ଆଲୋଚନା ପରେ, ସେ ସିଧାସଳଖ ଓମାନର ରାଜଧାନୀ ମସ୍କଟ ଏବଂ ତା''''ପରେ ରୁଷର ରାଜଧାନୀ ମସ୍କୋ ଯାତ୍ରା କରିବେ ।

ଅଶୋକ ଲାହିରୀ ନୀତି ଆୟୋଗ ଉପାଧ୍ୟକ୍ଷ ନିଯୁକ୍ତ

ନୂଆଦିଲ୍ଲୀ,୨୫/୪: ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପଶ୍ଚିମବଙ୍ଗ ବିଧାୟକ ଅଶୋକ ଲାହିରୀଙ୍କୁ ନୀତି ଆୟୋଗର ପରବର୍ତୀ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଅଶୋକ ଏବେ ପଶ୍ଚିମବଙ୍ଗର ବାଲୁରଘାଟରୁ ବିଧାୟକ ଅଛନ୍ତି, କିନ୍ତୁ ଚଳିତ ବିଧାନସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି । ସେ ଭାରତ ସରକାରଙ୍କ ଦ୍ୱାଦଶ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି । ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ଅଶୋକଙ୍କୁ ଏହି ବଡ଼ ପଦବୀ ମିଳିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି କୁହାଯାଉଛି । ପଶ୍ଚିମବଙ୍ଗର ଅନ୍ୟତମ ପ୍ରତିଷ୍ଠିତ ବ୍ୟକ୍ତି ତଥା ବୈଜ୍ଞାନିକ ଗୋବର୍ଦ୍ଧନ ଦାସଙ୍କୁ ମଧ୍ୟ ନୀତି ଆୟୋଗର ସଦସ୍ୟ ଭାବେ ମନୋନୟନ କରାଯାଇଛି ।

୪୦° ଉପରେ ୧୮ ସହର :

୪୪.୮ ଡିଗ୍ରିରେ ଝାରସୁଗୁଡ଼ା ପୁଣି ଦେଶରେ ୨ ନମ୍ବର

ଭୁବନେଶ୍ୱର,୨୫/୪(ନି/ପ୍ର): ଆଜି ପୁଣି ଝାରସୁଗୁଡ଼ାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଛି । ଏଠାରେ ଦିନ ତାପମାତ୍ରା ୪୪.୮ ଡିଗ୍ରିରେକର୍ଡ ହୋଇଥିଲା । ଏହା ଥିଲା ଦେଶର ଦ୍ୱିତୀୟ ଉତ୍ତପ୍ତ ସହର । ଦେଶର ପ୍ରଥମ ଉତ୍ତପ୍ତ ସହର ଭାବେ ପ୍ରୟାଗରାଜରେ ୪୫.୨ ଡିଗ୍ରି ତାପମାତ୍ରା ରହିଥିଲା । ଅନ୍ୟପକ୍ଷରେ ଓଡ଼ିଶାର ୧୮ ସହରର ତାପମାତ୍ରା ଆଜି ୪୦ ଡିଗ୍ରି ଉପରେ ରହିଛି । ୪୪ ଡିଗ୍ରି ତାପମାତ୍ରାରେ ଟିଟିଲାଗଡ଼ ଜଳୁଥିବା ବେଳେ ସମ୍ବଲପୁରରେ ୪୩.୬ ଡିଗ୍ରି, ହୀରାକୁଦରେ ୪୩.୪ ଡିଗ୍ରି, ଅନୁଗୁଳରେ ୪୩.୧ ଡିଗ୍ରି ଓ ବଲାଙ୍ଗୀରେ ୪୩ ଡିଗ୍ରି ଲେଖାଏଁ ତାପମାତ୍ରା ରେକର୍ଡ କରାଯାଇଛି । ହେଲେ ଗତକାଲି ଅପେକ୍ଷା ଆଜି କଟକ ଓ ଭୁବନେଶ୍ୱରର ତାପମାତ୍ରା ଖସିଛି । କଟକର ଦିନ ତାପମାତ୍ରା ୩୮.୪ ଡିଗ୍ରି ଓ ଭୁବନେଶ୍ୱରର ୩୯.୪ ଡିଗ୍ରି ରହିଥିଲା । ଆସନ୍ତାକାଲି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ଏଣୁ ଏହି ସବୁ ଜିଲ୍ଲା ପାଇଁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣି ଜାରି ହୋଇଛି । ଏଥିସହ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଅପରାହ୍ନ ଆଡ଼କୁ କାଳବୈଶାଖୀ ବର୍ଷା ହୋଇପାରେ । ୨୬ ତାରିଖଠାରୁ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ । ଫଳରେ ଗରମ, ଗୁଳୁଗୁଳି ଓ ଗ୍ରୀଷ୍ମତାପ କମିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ୨ ଦିନରେ ରାଜ୍ୟର ତାପମାତ୍ରା ଅପରିବର୍ତ୍ତିତ ରହିବ । ପରବର୍ତୀ ସମୟରେ ତାପମାତ୍ରା ୨ରୁ ୪ ଡିଗ୍ରି କମିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ପାଗ ଆଂଶିକ ମେଘୁଆ ରହିବ । ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରି ଓ ସର୍ବନିମ୍ନ ରାତି ତାପମାତ୍ରା ୨୬ ଡିଗ୍ରି ମଧ୍ୟରେ ରହିବ ।

ରାଘବ ଚଢ଼ାଙ୍କ ସମେତ ୭ ସାଂସଦ ବିଜେପିରେ ସାମିଲ

ନୂଆଦିଲ୍ଲୀ,୨୫/୪: ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରି ଆମ୍ ଆଦମୀ ପାର୍ଟି (ଆପ୍)ର ୭ ଜଣ ରାଜ୍ୟସଭା ସାଂସଦ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଦଳର ଉପନେତା ପଦରୁ ହଟାଯିବା ପରେ ରାଘବ ଚଢ଼ାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ବିଦ୍ରୋହ କେଜ୍ରିୱାଲଙ୍କ ଦଳ ପାଇଁ ମାରାତ୍ମକ ପ୍ରହାର ସାବ୍ୟସ୍ତ ହୋଇଛି । ଆଜି ସକାଳେ ଚଢ଼ାଙ୍କ ନେତୃତ୍ୱରେ ଏହି ସାଂସଦମାନେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ସ୍ୱାକ୍ଷରିତ ଚିଠି ଓ ଅତ୍ୟାବଶ୍ୟକ ଦସ୍ତାବିଜ ପ୍ରଦାନ କରିଛନ୍ତି । ଏହି ଦଳବଦଳରେ ରାଘବ ଚଢ଼ା, ଅଶୋକ ମିତଲ, ସନ୍ଦୀପ ପାଠକ, ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମଜିତ ସିଂହ ସାହନି ଏବଂ ସ୍ୱାତୀ ମାଲିୱାଲ ସାମିଲ ଅଛନ୍ତି । ଗଣମାଧ୍ୟମକୁ ଚଢ଼ା କହିଛନ୍ତି, ରାଜ୍ୟସଭାରେ ଆପ୍‌ର ଦୁଇ-ତୃତୀୟାଂଶ ସଦସ୍ୟ ଭାରତୀୟ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଜେପି ସହ ମିଶ୍ରଣ କରିଛନ୍ତି । ସେ ନିଜକୁ ଭୁଲ୍ ଦଳରେ ଥିବା ଜଣେ ଠିକ୍ ବ୍ୟକ୍ତି ଭାବେ ବର୍ଣ୍ଣନା କରିବା ସହ ଅଭିଯୋଗ କରିଛନ୍ତି ଯେ ଆପ୍ ନିଜର ମୂଳ ନୀତି ଓ ଆଦର୍ଶରୁ ସମ୍ପୂର୍ଣ୍ଣ ବିଚ୍ୟୁତ ହୋଇଛି । ଆପ୍ ଏବେ ଦେଶହିତ ଅପେକ୍ଷା ବ୍ୟକ୍ତିଗତ ଫାଇଦା ପାଇଁ କାର୍ଯ୍ୟ କରୁଛି ଏବଂ ସେ ଏହି ଅପରାଧର ଅଂଶୀଦାର ହେବା ଅପେକ୍ଷା ସକାରାତ୍ମକ ରାଜନୀତିକୁ ବାଛିଛନ୍ତି । ସାମ୍ବିଧାନିକ ଦୃଷ୍ଟିକୋଣରୁ ଏହି ମିଶ୍ରଣ ସମ୍ପୂର୍ଣ୍ଣ ବୈଧ ଥିବାରୁ ଆପ୍ ପାଇଁ ଏହା ପ୍ରଚଣ୍ଡ ଝଟ୍‌କା ସାବ୍ୟସ୍ତ ହୋଇଛି । ସମ୍ବିଧାନ ଅନୁଯାୟୀ, ଯଦି କୌଣସି ଦଳର ଦୁଇ ତୃତୀୟାଂଶ ବିଧାୟକ କିମ୍ବା ସାଂସଦ ଅନ୍ୟ ଏକ ଦଳ ସହ ମିଶ୍ରଣ କରନ୍ତି, ତେବେ ସେମାନଙ୍କ ସଦସ୍ୟତା ରଦ୍ଦ ହେବନାହିଁ । ଏହି ବ୍ୟବସ୍ଥା ବଳରେ ୭ ଜଣ ସାଂସଦ ନିଜର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟତା ବଜାୟ ରଖିବେ । ଆପ୍‌ର ୧୦ ଜଣ ସାଂସଦଙ୍କ ମଧ୍ୟରୁ ୭ ଜଣ ବିଦ୍ରୋହ କରିବା ଫଳରେ ରାଜ୍ୟସଭାରେ ଆପ୍‌ର ସଂଖ୍ୟା ମାତ୍ର ୩କୁ ଖସି ଆସିଛି । ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଦଳ ପାଇଁ ଏହା ଏକ ଶକ୍ତ ଧକ୍କା ହୋଇଛି । ଆଜି ୩ ଜଣ ସାଂସଦ ରାଘବ ଚଢ଼ା, ଅଶୋକ ମିତଲ ଏବଂ ସନ୍ଦୀପ ପାଠକ ବିଜେପି ମୁଖ୍ୟ ନିତିନ ନବୀନଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲେ । ଅନ୍ୟ ୪ ସାଂସଦ ପରେ ବିଜେପିରେ ଯୋଗ ଦେବେ । ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଉକ୍ତ ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ବିଜେପି ପୁଣିଥରେ ପଞ୍ଜାବୀଙ୍କ ସହ ବିଶ୍ୱାସଘାତ କରିଛି । ଆପ୍ ନେତା ସଂଜୟ ସିଂହ ଚଢ଼ା ଓ ଅନ୍ୟମାନଙ୍କୁ କଡ଼ା ସମାଲୋଚନା କରିବା ସହ ଏହି ଦଳ ବଦଳ ପଛରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଷଡ୍ ?ଯନ୍ତ୍ର ରହିଥିବା ଅଭିଯୋଗ କରିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସିଏମ ଟ୍ରଫି ଫୁଟବଲ ଟିଏସଏଫ, ଯୋଡ଼ାକୁ ୧-୦ ଗୋଲରେ ପରାସ୍ତ କରି ଟିଏସଏଫ ମୁର୍ଗା ଚମ୍ପିୟାନ

କେନ୍ଦୁଝର,୨୫/୪(ନି/ପ୍ର): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ରାଜ୍ୟ ସିଏମ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣର ଗତକାଲି ଯବନିକା ପଡିଛି । ୧୪ ବର୍ଷରୁ କମ ବାଳକ ବିଭାଗରେ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ତଥା ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଲିଗ ପର୍ଯ୍ୟାୟରେ ଅପରାଜିତ ଥିବା ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ବିପକ୍ଷରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ୧-୦ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହେବାର ଗୌରବ ଅର୍ଜନ କରିଛି । ଗତକାଲିର ଫାଇନାଲ ଖେଳ ଆରମ୍ଭରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ବେଶ ଉପଭୋଗ୍ୟ ହୋଇଥିଲା । ପ୍ରଥମାର୍ଦ୍ଧ ଖେଳର ୨୪ତମ ମିନିଟରେ ଟିଏସଏଫ, ମୁର୍ଗାର ୧୫ ନମ୍ବର ଖେଳାଳି ରାଜ ବେଙ୍କଟର ଲିଙ୍ଗମ୍ୟାନଙ୍କ ଠାରୁ ଏକ ମାଇନସ ପାସ ପାଇ ଏହାକୁ ଶେଷ ସ୍ପର୍ଶ ଦେବାରେ କୌଣସି ତ୍ରୁଟି କରିନଥିଲେ । ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଟିଏସଏଫ, ଯୋଡ଼ା ସୁସଂଘଠିତ ହୋଇ ପ୍ରତିପକ୍ଷ ରକ୍ଷଣଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ ମଧ୍ଯ ଗୋଲ ଦେବାରେ ସଫଳ ହୋଇ ପାରିନଥିଲେ । ଏବଂ ଟିଏସଏଫ, ମୁର୍ଗା ୧-୦ ଗୋଲରେ ବିଜୟ ଲାଭ କରି ଚମ୍ପିୟାନ ଟ୍ରଫି ହାତେଇ ନେଇଥିଲେ । ସ୍ୱତନ୍ତ୍ର ଉତ୍ସବରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ସୁରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ପଟ୍ଟନାୟକ ସମବେତ ଖେଳାଳି ମାନଙ୍କୁ ଉଦବୋଧନ ଦେଇ ରାଜ୍ୟର ଗ୍ରାମୀଣ ଓ ସହର ଅଂଚଳର ଯୁବ ଖେଳାଳୀ ମାନଙ୍କୁ ଖେଳକୁଦ ମାଧ୍ୟମରେ ଆଗକୁ ଆଣିବା, ତାଙ୍କ ଲୁକ୍କାୟିତ ଥିବା ପ୍ରତିଭାକୁ ଉନ୍ମୋଚନ କରିବା ଓ ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରୀୟ ଖେଳାଳୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କ୍ରୀଡା ଅଭିଯାନ ଆୟୋଜନ କରାଯାଇଛି ବୋଲି କହିବା ସହ ଜିଲ୍ଲା ପ୍ରଶାସନର ଆନ୍ତରିକ ସହଯୋଗ ଯୋଗୁଁ ସ୍ୱଳ୍ପ ସମୟ ମଧ୍ୟରେ ଆଜି ଏହି କ୍ରୀଡା ମହାକୁମ୍ଭର ସ୍ୱପ୍ନ ବାସ୍ତବରେ ରୂପାନ୍ତରିତ ହୋଇ ହୋଇଥିବାରୁ ସେ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡ଼ି ଧନରାଜ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗଦେଇଥିଲେ । ଗତ ୧୦ ତାରିଖ ଠାରୁ ଅନୁଷ୍ଠିତ ହୋଇଥିବା ଏହି ୧୪ ବର୍ଷରୁ କମ ଫୁଟବଲ ପ୍ରତିଯୋଗିତାର ବାଳକ ବିଭାଗରେ ଟିଏସଏଫ ମୁର୍ଗା ଚମ୍ପିୟାନ ଏବଂ ଟିଏସଏଫ, ଯୋଡ଼ା ରନର୍ସ ଅପ, ବାଳିକା ବିଭାଗରେ ଟିଏସଏଫ, ଯୋଡ଼ା ଚମ୍ପିୟାନ ଓ ତାରିଣୀ ଫୁଟବଲ ଏକାଡେମୀ ରନର୍ସ ଅପ ହୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ନିକଟରୁ ଆକର୍ଷଣୀୟ ଟ୍ରଫି ଗ୍ରହଣ କରିଥିଲେ । ଏହି ଉଦଯାପନୀ ସମାରୋହରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ କୁମାର ରଣା, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, କାଉନସିଲ ସଦସ୍ୟ ରାଜ କୁମାର ମିଶ୍ର ପ୍ରମୁଖ ମଚାଂସୀନ ଥିଲେ । ରାଇ ମୋହନ ମୁର୍ମୁ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବୃନ୍ଦାବନ ମୁଣ୍ଡା ଓ ବିଜୟ କୁମାର ମୁଣ୍ଡା । ଚତୁର୍ଥ ରେଫରୀ ଥିଲେ ଦଶମନ୍ତ ଟୁଡୁ । ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ ।

ରଙ୍ଗାମାଟିଆରେ ଜୈବିକ ପ୍ରଣାଳୀରେ କୃଷି କାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା

କେନ୍ଦୁଝର,୨୫/୪(ନି/ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ହାଟ ପଡିଆ ପରିସରରେ ସେଚ୍ଛାସେବୀ ସଂଗଠନ 'ଫାରମର ଟିୟୁଟର ଏବଂ ଉମାଶଙ୍କର ସବୁଜ ବାହିନୀ ଲିମିଟେଡ଼ ଆନୁକୂଲ୍ୟରେ ଜୈବିକ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡ଼କ୍ଟର ନାରାୟଣ ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳା ରେ ମୁଖ୍ୟଅତିଥି ଭାବେ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ସମ୍ମାନିତ ଅତିଥି, ବକ୍ତା ଭାବେ କୃଷି ଅଧୀଦର୍ଶକ ଚିତ ରଞ୍ଜନ ସାହୁ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନାଏବ ସରପଂଚ ଟିକିରାଣୀ ମହାନ୍ତ, ଓଡିଶା ବିଗ୍ରେଡ଼ ସ୍କୁଲର ଶିକ୍ଷକ ବୀରେନ୍ଦ୍ର କୁମାର ପାତ୍ର, ଲେଖକ, ସଂଗଠକ ଶ୍ରୀ ଡମ୍ବରୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲା ବେଳେ ତାଲିମଦାତା ଭାବେ ଘାସିରାମ ରାଣା ଯୋଗଦେଇ ରଙ୍ଗାମାଟିଆ ପଂଚାୟତ ର ଅଗ୍ରଣୀ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇ ଜୈବିକ କୃଷି, ଜୈବିକ ସାର ଜମିରେ ପ୍ରୟୋଗ କରି ମାଟି ମା'କୁ ବଂଚାଇବାକୁ ମାର୍ଗଦର୍ଶନ କରିଥିଲେ । କୃଷି ଅଧୀଦର୍ଶକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସି. ଏମ କିସାନ, ପି. ଏମ କିସାନ ସହାୟତା ରାଶି ପାଇବାକୁ କୃଷକ ରେଜିଷ୍ଟେସନ, କୃଷକ ଓଡିଶା ପୋଟାଲ ରେ ନିଜ ନାମ ପଞ୍ଜିକରଣ କରିବାକୁ କହିଥିଲେ । ଟ୍ରେନର ଘାସିରାମ ରାଣା ଜୈବିକ ସାର ଓ ଖତ ପ୍ରସ୍ତୁତି ର ପ୍ରଣାଳୀ ବାବଦରେ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମ ରେ ରଙ୍ଗାମାଟିଆ ପଂଚାୟତର ରରୁଆଁଗୋଡ଼ା, ଚିଲିକାପଣି, ବାଙ୍କିଆ, ଟିଆଁସିପଣି, ହୃଦୁରାମପୁର, ପୋଖରୀଆ ଇତ୍ୟାଦି ଗ୍ରାମରୁ ସହସ୍ରାଧିକ ମହିଳା, ପୁରୁଷ ଅଗ୍ରଣୀ ଚାଷୀମାନେ ଯୋଗ ଦେଇ ଅଂଶଗ୍ରହଣ କରିଥିଲେ। ଚାଷୀ ମାନଙ୍କ ଯୋଗାଯୋଗ ରେ ଯଜ୍ଞଦତ କୁମ୍ଭାର, ତୁଳସୀ ନାଗ, ବସନ୍ତ ପଟେଲ, ଦୀନବନ୍ଧୁ ସାହୁ ପ୍ରମୁଖ ପରିଚାଳନାରେ କର୍ମଶାଳା ପରିଚାଳିତ ହୋଇଥିଲା ।

ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ କେନ୍ଦୁଝର ମହିଳା କ୍ରିକେଟ ଦଳ ଘୋଷଣା

କେନ୍ଦୁଝର,୨୫/୪(ନି/ପ୍ର):ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଟି -୨୦ ଫର୍ମାଟ ଚାଲିଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ନାମେଂଟ ପାଇଁ ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ଦଳ ଗତକାଲି ସନ୍ଧ୍ୟାରେ ଘୋଷଣା କରାଯାଇଛି କ୍ଷ ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳି ମାନେ ହେଲେ ପୂର୍ଣ୍ଣିମା ରାୟ (ଅଧିନାୟକ), ତନବୀ ରଞ୍ଜନ (ଉପ ଅଧିନାୟକ), ରାନୀ କେ ପ୍ରସାଦ, ସ୍ୱାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ , ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇ ଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପସା ଜେନା, ସୋନାଲି ଦାସ, ମନୀଷା ନାଏକ । ଷ୍ଟାଣ୍ଡବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସୂତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି । ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ ଭାବେ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଦଳ ସହ ଆଜି ସଖାଳେ ଟ୍ରେନ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାରେ କେନ୍ଦୁଝର ତାର ପ୍ରଥମ ଖେଳରେ ନିମପୁର ପଡିଆରେ ଗତବର୍ଷର ଚମ୍ପିୟାନ ବଲାଙ୍ଗୀର ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଠାରୁ ପ୍ରକାଶ ।

ସୁବର୍ଣ୍ଣପୁରରେ ଅଷ୍ଟମ ପୋଷଣ ପକ୍ଷ ପାଳନ, ଶିଶୁ ପୋଷଣ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର,୨୫/୪(ନି/ପ୍ର):ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଇଛି । ଏହି ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏବଂ ଉପସ୍ଥିତ ଆଙ୍ଗନବାଡି କର୍ମୀମାନଙ୍କୁ ଶିଶୁମାନଙ୍କର ପୋଷଣ ଉପରେ ବ୍ୟକ୍ତିଗତ ଭାବରେ ଧ୍ୟାନ ଦେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡ଼. ଉଷାରାଣୀ ଦାସ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ଚତୁର୍ଭୁଜ ବୀଣାପାଣି ମିଶ୍ର । ଜିଲ୍ଲାପାଳ ଡ଼. ସାହୁ ଆଙ୍ଗନବାଡି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ଯେ ସେମାନେ ନିଜ ଅଧୀନରେ ଆସୁଥିବା ଅଂଚଳର ୬ ବର୍ଷରୁ କମ ଶିଶୁମାନଙ୍କର ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତିମାସ ତାହାର ତୁଳନା କରିବା ଅତ୍ୟାବଶ୍ୟକ । ପ୍ରତିମାସରେ ଏହି ପକ୍ଷ ଦୁଇଥର ପାଳନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ପକ୍ଷ ପାଳନରେ ଆୟୋଜିତ ସଭାରେ ମାନସିକ ପୋଷଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଶିଶୁମାନେ କେମିତି କାର୍ଯ୍ୟକଳାପରେ ଅଂଶଗ୍ରହଣ କଲେ ତାଙ୍କର ମାନସିକ ବିକାଶ ହେବ, ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ଗତ ୯ ତାରିଖରୁ ଆଜି ୨୩ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ କରାଯାଉଛି । ୯ ତାରିଖରୁ ଜିଲ୍ଲାରେ ଆଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା କେନ୍ଦ୍ର ସ୍ତରରେ, ପରେ ମଣ୍ଡଳ ସ୍ତରରେ ଏବଂ ତାହାପରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସ୍ତରରେ ଏହା ପାଳିତ ହୋଇଆସିଛି ।

ସଡ଼କ ଦୁର୍ଘଟଣାରେ ନବଯୁବକଙ୍କ ପରଲୋକ

କେନ୍ଦୁଝର,୨୫/୪(ନି/ପ୍ର): ଗତକାଲି ରାତିରେ କେନ୍ଦୁଝର ସହର ଉପକଣ୍ଠ ଗୋବିନ୍ଦପୁର ନିକଟରେ ଏକ ବାଇକ ଓ ସ୍କୁଲ ବସ ମଧ୍ୟରେ ଦୁର୍ଘଟଣା ଘଟି ତଥ୍ୟ ନାମଧାରୀ ନବଯୁବକଙ୍କ ଘଟଣାସ୍ଥଳ ରେ ମୃତ୍ୟୁ ହୋଇ ଯାଇଛି, ଗାଡିର ପଛ ଚକା ମୁଣ୍ଡ ଉପରେ ଚଢି ଯିବାରୁ ହେଲମେଟ ସହିତ ମୁଣ୍ଡଟି ଭୀଷଣ କ୍ଷତିଗ୍ରସ୍ତ ହୋଇଯାଇଥିଲା । ଦୁର୍ଘଟଣାସ୍ଥଳ ଓ ହସପିଟାଲ ଲୋକାରଣ୍ୟ ହୋଇ ପଡିଥିଲା ବିଳମ୍ବିତ ରାତିଯାଏ । ମୃତ ଯୁବକ କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏବଂ ଜଣାଶୁଣା ବ୍ୟବସାୟୀ ଜିତେନ୍ଦ୍ର ସାହୁଙ୍କ ଏକମାତ୍ର ପୁତ୍ର , ଆଜି ପୋଷ୍ଟମର୍ଟମ ପରେ ବୈତରଣୀ ନଦୀ କୂଳରେ ହଜାର ହଜାର ଜନସାଧାରଣଙ୍କ ଉପସ୍ଥିତି ଓ ଶୋକାକୁଳ ପରିସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଛି ,ମୁଖ୍ୟମନ୍ତ୍ରୀ ,ସାଂସଦ ,ବିଧାୟକ ଏବଂ ଦଳମତ ନିର୍ବିଶେଷ ରେ ସମସ୍ତ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

ମହିଳା ବିଲ୍ ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ପୁରୀ,୨୫/୪(ନି/ପ୍ର): ପୁରୀ ଭିଆଇପି ରୋଡ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଶାସନ ଦଳ ତରଫରୁ ଗତ କିଛି ଦିନ ତଳେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳ ବିଶେଷକରି କଂଗ୍ରେସ ଦଳର ଭୂମିକା ବିଷୟରେ ଅପପ୍ରଚାର ରୋକିବା ପାଇଁ ସାମ୍ବାଦିକ ମାନଙ୍କ ନିକଟରେ କଂଗ୍ରେସ ଦଳର ମହିଳା ସଂରକ୍ଷଣ ସଂପର୍କିତ ଭୂମିକା ବିଷୟରେ ଆଲୋକପାତ କରାଯାଇଥିଲା । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦାନ କରିଥିଲେ । ତା' ସହିତ ମଂଚରେ ପୁରୀ ଜିଲ୍ଲା କଂଗ୍ରେସର ଦୁଇ ପ୍ରମୁଖ ନାରୀ ନେତ୍ରୀ ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର ଏବଂ ପୁରୀ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ ମଂଚାସୀନ ଥିଲେ । ଏଥିରେ ଇଂ. ମିଶ୍ର ୧୯୮୯ ମସିହାର ତତ୍କାଳୀନ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀ ସମୟରୁ ପଂଚାୟତ ଓ ପୌରସଂସ୍ଥାରେ ୩୩ ପ୍ରତିଶତ ମହିଳା ମାନଙ୍କ ପାଇଁ ଆସନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ଠାରୁ ଆରମ୍ଭ କରି ବିଭିନ୍ନ କଂଗ୍ରେସ ସରକାର ସମୟରେ ଏହି ବିଷୟରେ ସମସ୍ତ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ତା' ସହିତ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପର୍ଯ୍ୟାଲୋଚନା କରିଥିଲେ । ପ୍ରଥମତଃ ୨୦୨୩ ମସିହାରେ ସଂପୂର୍ଣ୍ଣ ବିରୋଧୀ ଦଳର ସମର୍ଥନରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ୨୦୨୬ ମସିହା ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରାଯାଇନଥିଲା ସେ ବିଷୟରେ ପ୍ରଶ୍ନ କରିଥିଲେ । ତା' ସହିତ ଦୁଇଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ତରବରିଆ ଭାବରେ ପୁନର୍ବାର ମହିଳା ସଂରକ୍ଷଣ ବିଲ୍ କୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡି ନିଜର ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନଥିବା ଜାଣି ମଧ୍ୟ କାହିଁକି ପାରିତ କରିବା ପାଇଁ ଅପଚେଷ୍ଟା କରିଥିଲେ ସେ ବିଷୟରେ ପ୍ରଶ୍ନ କରିଥିଲେ । ଆହୁରି ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯେଉଁଠି ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ, ନିଜେ ଦେଶର ପ୍ରଧାନମନ୍ତ୍ରୀ ନିଜ ପଦ ଗାରିମା ଭୁଲି ସରକାରୀ ଦଳର ଅପବ୍ୟବହାର କରି କଂଗ୍ରେସର ଭୂମିକାକୁ ଜନସାଧାରଣଙ୍କ ସମ୍ମୁଖରେ ଅସତ୍ୟ ପରିବେଶଣ କରି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିବା ବେଳେ ନିର୍ବାଚନ କମିଶନଙ୍କ ନିରବତା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ମତପ୍ରକାଶ କରିଥିଲେ । ସୁରେଶ କୁମାର ରାଉତରାୟ ଏହି ସମ୍ମିଳନୀରେ ବିଜେପି ଦଳର ମହିଳା ମାନଙ୍କ ଆସନ ସଂରକ୍ଷଣ ବାବଦରେ ବିଭିନ୍ନ ସମୟରେ ଦୋହରା ଗତିକୁ ତୀବ୍ର ସମାଲୋଚନା କରିଥିଲେ । ସେ ମଧ୍ୟ ନାରୀ ମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ କଂଗ୍ରେସ ଦଳର ଅବଦାନ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ଏହି ସଭାରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ସମସ୍ତ କାର୍ଯ୍ୟକର୍ତ୍ତା ନିମନ୍ତ୍ରିତ ସଦସ୍ୟ ତଥା ବିଭିନ୍ନ ସାମୁଖ୍ୟର ମୁଖ୍ୟ, ଯୁବ ଛାତ୍ର କର୍ମକର୍ତ୍ତା ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ଭଦ୍ରକ ବ୍ଲକ୍ ଅନ୍ତର୍ଗତ ହରିପୁର ପଂଚାୟତର ୩ଟି ୱାର୍ଡର ଜନଗଣନା କାର୍ଯ୍ୟକୁ ବିରୋଧ, ଜିଲାପାଳଙ୍କ ହସ୍ତକ୍ଷେପ ପରେ ଜନଗଣନା ଆରମ୍ଭ

ଭଦ୍ରକ, ୨୫/୪(ନି/ପ୍ର) : ଭଦ୍ରକ ବ୍ଲକ୍ ଅନ୍ତର୍ଗତ ହରିପୁର ପଂଚାୟତର ୩ଟି ୱାର୍ଡରେ ଜନଗଣନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଜିଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଛି । ଆସନ୍ତାକାଲି ଶୁକ୍ରବାର ଠାରୁ ଏହି ୩ଟି ୱାର୍ଡରେ ଜନଗଣନା କାର୍ଯ୍ୟ ଆରମ୍ଭ ହେବ । ସୂଚନାଯୋଗ୍ୟ "ଜନଗଣନାକୁ ଗ୍ରାମବାସୀଙ୍କ ବିରୋଧ" ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଦିଲ୍ଲୀପ କୁମାର ରାଉତରାଏ ଗତକାଲି ଏହି ସମସ୍ୟାର ସମାଧାନ ପାଇଁ ଏକ ଜରୁରୀ ବୈଠକ ଡକାଇଥିଲେ । ଜିଲାପାଳ ଶ୍ରୀ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଡି ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର, ଜନଗଣନା ଦାୟିତ୍ୱରେ ଥିବା ଅଧିକାରୀ, ଭଦ୍ରକ ତହସିଲଦାର ଓ ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ । ଏହାବ୍ୟତୀତ ଜନଗଣନାକୁ ବିରୋଧ କରୁଥିବା ୩ଟି ୱାର୍ଡର ଗ୍ରାମବାସୀଙ୍କ ତରଫରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଭଦ୍ରକ ବ୍ଲକ୍ କଂଗ୍ରେସ ସଭାପତି ସରୋଜ ନାୟକ ଯୋଗ ଦେଇଥିଲେ । ୬୬ ବର୍ଷ ଧରି ଏହି ୩ଟି ୱାର୍ଡ ନା ଏ କୂଳର ନା ସେ କୂଳର (ପୌରପାଳିକା / ପଂଚାୟତ ସମିତି) ହୋଇନପାରି ନାନା ଦୁର୍ଦ୍ଦଶା ଭୋଗୁଛନ୍ତି । ବିଗତ ପଂଚାୟତ ଠାରୁ ସାଧାରଣ ନିର୍ବାଚନ ମାନଙ୍କରେ ଏହି ବାସିନ୍ଦାମାନେ ପଂଚାୟତର ଭୋଟର ହିସାବରେ ମତଦାନ କରିଆସୁଛନ୍ତି । ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀ ନାୟକ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ ପଂଚାୟତ କିମ୍ବା ପୌରପାଳିକାର ବିବାଦ ସହ ଜନଗଣନା କାର୍ଯ୍ୟର କୌଣସି ସଂପର୍କ ନାହିଁ । ଜନଗଣନା କାର୍ଯ୍ୟ ସରକାରଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା ।

କାୟାକଳ୍ପ ପୁରସ୍କାର ଶୀର୍ଷରୁ ୧୫ ନମ୍ବରକୁ ଖସିଲା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଚମ୍ପୁଆ,୨୫/୪(ନି/ପ୍ର):ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ବର୍ଷ ୨୦୨୫-୨୬ ପାଇଁ ପ୍ରତିଷ୍ଠିତ 'କାୟାକଳ୍ପ' ପୁରସ୍କାର ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକାରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରଦର୍ଶନକୁ ନେଇ ସ୍ଥାନୀୟ ଅଂଚଳରେ ନୈରାଶ୍ୟ ଖେଳିଯାଇଛି । ଗତ ବର୍ଷ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଚଳିତ ବର୍ଷ ୧୫ତମ ସ୍ଥାନକୁ ଖସି ଆସିଛି । ସୂଚନାଯୋଗ୍ୟ ଯେ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛତା, ସଂକ୍ରମଣ ନିୟନ୍ତ୍ରଣ ଏବଂ ସେବା ପ୍ରଦାନର ମାନକୁ ପରଖିବା ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରା ଯାଇଥାଏ । ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଯାଂଚ କରାଯାଇ ମାର୍କ ଦିଆଯାଏ । ଗତ ବର୍ଷ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ନିଜର ସ୍ୱଚ୍ଛତା, ସୁନ୍ଦର ପରିବେଶ ଏବଂ ଉତମ ସେବା ପାଇଁ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମାତ୍ର ବର୍ଷକ ମଧ୍ୟରେ ଏହି ସଫଳତା ଫିକା ପଡ଼ିଯାଇଛି । ପ୍ରଥମରୁ ସିଧା ପଂଚଦଶ ସ୍ଥାନକୁ ଖସିବା ଏହାର ସ୍ୱାସ୍ଥ୍ୟ ସେବା ଏବଂ ରକ୍ଷଣାବେକ୍ଷଣର ମାନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ବିପର୍ଯ୍ୟୟ ପଛରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) କର୍ମଚାରୀଙ୍କ ଚରମ ଅବହେଳା ହିଁ ମୁଖ୍ୟ କାରଣବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନାରେ ଶିଥିଳତା, ସ୍ୱଚ୍ଛତା ପ୍ରତି ଦୃଷ୍ଟି ନଦେବା ଏବଂ କର୍ତବ୍ୟରେ ଅବହେଳା ଯୋଗୁଁ ଆଜି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତାର ପୂର୍ବ ଗୌରବ ହରାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । 'ଯେଉଁ ହସ୍ପିଟାଲ ଦିନେ ରାଜ୍ୟ ପାଇଁ ଉଦାହରଣ ଥିଲା, ଆଜି କର୍ମଚାରୀଙ୍କ ସମନ୍ୱୟ ଅଭାବ ଓ ଅବହେଳାରୁ ତାହା ପଛକୁ ପଡ଼ିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ପୁଣି ଥରେ କିଭଳି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଶୀର୍ଷ ସ୍ଥାନକୁ ଫେରିବ, ସେଥିପାଇଁ ଉପଯୁକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦାବୀ ହେଉଛି । ତେବେ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ବିଫଳତା ପରେ ଏବେ ସ୍ୱାସ୍ଥ୍ୟ ବିଭାଗ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା ।

ପଦ୍ମା ହସ୍ପିଟାଲର ୩୧ତମ ପ୍ରତିଷ୍ଠା ଦିବସ ଉତ୍ସବ

ଭୁବନେଶ୍ୱର,୨୫/୪(ନି/ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱରର ପ୍ରସିଦ୍ଧ ପଦ୍ମା ହସ୍ପିଟାଲର ୩୧ତମ ପ୍ରତିଷ୍ଠା ଦିବସ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାହାଳରେ ଅବସ୍ଥିତ ଭୁବନେଶ୍ୱର ଏଲ୍‌ଜି କନଭେନସନ ସେଣ୍ଟରରେ ଉତ୍ସବଟି ଉଜ୍ଜ୍ୱଳ ଭାବରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଲୋକବିକାଶ ସଂଗଠନର ସଭାପତି ଶ୍ରୀ ଗୋଲଖ ବିହାରୀ ସିଂହ ଉଦ୍‌ଘାଟନୀ ଉଦ୍‌ବୋଧନ ରଖିଥିଲେ । ପଦ୍ମା ହସ୍ପିଟାଲର ପ୍ରତିଷ୍ଠାତା ବିଶ୍ୱନାଥ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସଂସ୍ଥାର ଉନ୍ନତି ଓ ସେବା ଯାତ୍ରା ବିଷୟରେ ଆଲୋକପାତ କରିଥିଲେ । ସମାଜରେ ବିଶେଷ ଅବଦାନ ରଖିଥିବା ପ୍ରାୟ ୧୫ ଜଣ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଗବେଷକ, ସମାଜସେବୀ, ଡାକ୍ତର ଏବଂ ବିଏମଟି ନର୍ସିଂ ଛାତ୍ରଛାତ୍ରୀମାନେ ଥିଲେ । ସମ୍ମାନିତ ବ୍ୟକ୍ତିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷରେ ପ୍ରଦୀପ ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ ।

ହରିଚନ୍ଦନପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ପୋଷଣ ପକ୍ଷ ମିସନଶକ୍ତି ସଭାଗୃହରେ ପାଳିତ

କଲେଇ ପଚାଂୟତରେ ମହାବୀର ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଭଦ୍ରକ,୨୫/୪(ନି/ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଂଚାୟତର ମା' କ୍ଷେତ୍ରବାସୀ ସନ୍ତୋଷୀ ପୀଠ ଠାରେ ମହାବୀର ହନୁମାନ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କମିଟିର ସଭାପତି ଗୌରୀଗୋପାଳ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ଅଙ୍କୁରା ରୋପଣ, ସୂର୍ଯ୍ୟ ପୂଜା କଳସ ଶୋଭାଯାତ୍ରା, ଯଜ୍ଞ ପୂର୍ଣ୍ଣ ଆହୁତି ଅନୁଷ୍ଠିତ ହୋଇଯାଇଛି । ଆବାହକ ମହେନ୍ଦ୍ର କୁମାର ମଲ୍ଲିକ (ମୁନା) ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୫୧ ଜଣ ମା' କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ । ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ବେହେରା ଚକ୍ରଧର ଜେନା, ବାବୁରାମ ମଲ୍ଲିକ, କାହ୍ନୁ ଚରଣ ଜେନା,ମଳୟ ମହାରଣା, ପୂର୍ଣ୍ଣଚନ୍ଦ୍ର ପାଣି, କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଶେଷରେ ପ୍ରସାଦ ସେବନରେ ୨ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆପ୍ୟାୟିତ ହୋଇଥିଲେ ।

ବିବିଧା

ପିଲାଙ୍କର ଗୁଳୁଗୁଳିରେ ଡାଇରିଆ

ଓ ହଉଛି ମୁଣ୍ଡ ଉପରେ ଖରା, ତତଲା ଝାଞ୍ଜିରେ ବାହାରକୁ ବାହାରିବା ବେଳକୁ ଦେହ ମୁଣ୍ଡ ପୋଡ଼ି ଦେଲାଭଳି ମନେ ହେଉଛି। ସକାଳ ଆଠଟାରୁ ଏକ ପ୍ରକାର ଓ୍ୱେଁଶା ଜଳିବା ଆରମ୍ଭ ହୋଇଯାଉଛି। ତାପମାତ୍ରା ୪୦ ଡିଗ୍ରୀରୁ ଅଧିକକୁ ଡେଇଁଛି। ଖରାବେଳ ସମୟରେ ତାତିର ଏକ ପ୍ରକାର ଭୟଙ୍କର କର୍ଫ୍ୟୁ ଜବଜବ୍ ପୁରା ଓଡ଼ିଶା ଚାଲି ଆସୁଛି। ଦେଶରେ ଉତପ୍ତ ସହର ତାଲିକାରେ ପ୍ରଥମ ଦଶ ମଧ୍ୟରେ ଓଡ଼ିଶାର ସ୍ଥାନ ଛଅ ନମ୍ବରରେ ରହିଛି। ଏ ସବୁ ଭିତରେ ସବୁଠାରୁ ବଡ଼ ଉଦବେଗର ପ୍ରସଙ୍ଗ ହେଉଛି ଯେ ଯେଉଁ ପ୍ରକାର ଗୁଳୁଗୁଳି ଅନୁଭୂତ ହେଉଛି ଏହାର ଭୟାନକ ପ୍ରଭାବ ଛୋଟପିଲା ଓ ବିଶେଷକରି ନବଜାତକଙ୍କ ଉପରେ ପଡୁଛି।

ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲାମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି। ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ। ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ। ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ। ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ। ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ। ଓଜନ କମିଯାଏ। ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ। ବମ୍ବାନ୍ତି ହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ। ସଂପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲା ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଅଧିକ ବିଗିଡ଼ିଇବାର ସମ୍ଭାବନା ଥାଏ।

ପିଲା ମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି। ସେଥିମଧ୍ୟରେ ରହୁଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ୍ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତଜନିତ ରୋଗ, ଇନଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ। ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି। ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ, ଶାଗ, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ।

ପ୍ରୋବାୟୋଟିକ୍ସ : ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି। ଦହିଁରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ।

କଦଳୀ: ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ। ଏଣୁ କଦଳୀ ଖାଇବା ସବୁଠୁ ଭଲ। ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପୋଟାସିୟମ ଯୋଗାଇ ଦିଏ। ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ।

ଅଦା: ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ। ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ। ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ।

ମେଥି: ଡାଇରିଆ ଚିକିତ୍ସାରେ ଏହା ଲାଗେ। ଏଥିରେ ଅତ୍ୟଧିକ ମ୍ୟୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ। ଚାମଚେ ଦହିଁରେ ମେଥି ମିଶାଇ ଖାଆନ୍ତୁ। ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ।

କାମୋମାଇଲ ଟି: ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ କାମୋମାଇଲ ଚା। ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ।

ପାଣି: ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି। ଯେତେ ବେଶୀ ପାଣି ପିଅନ୍ତୁ। ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ। ଏଥିରୁ ବି ଅଳ୍ପ ନେଇପାରିବେ।

ତୀବ୍ର ଟାଣ ଖରା, ଗୁଳୁଗୁଳି ଓ ପାଣିପାଗର ଅସ୍ୱାଭାବିକ ଅବସ୍ଥା ସହ ଯଥେଷ୍ଟ ପରିମାଣର ଶରୀରରୁ ଜଳୀୟ ଅଂଶ କମିଗଲେ ପିଲାମାନଙ୍କ ପାଇଁ ବର୍ତ୍ତମାନ ସମୟରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ପାରେ। ଖରାଦିନେ ସବୁବେଳେ ପିଲାଟି କିପରି ନିର୍ଦ୍ଦିଷ୍ଟ ସମୟ ଅବଧାନରେ ବିଶୋଧିତ ପାଣି ପିଉଛି ସେ ଦିଗକୁ ଦେଖନ୍ତୁ। ବଜାରର ଥଣ୍ଡା ପାନୀୟ, ଥଣ୍ଡା ଖାଦ୍ୟ ଠାରୁ ଯଥା ସମ୍ଭବ ଦୂରେଇ ବରଂ ଘରୋଇ ପ୍ରସ୍ତୁତ ପାନୀୟ ଦିଅନ୍ତୁ। କେତେକ ପିଲାଙ୍କର ଡାଇରିଆ ପ୍ରଭାବରେ ପରିସ୍ରା ଜନିତ ସମସ୍ୟା ମଧ୍ୟ ଦେଖାଯାଏ। ପରିସ୍ରା ଜଳାପୋଡ଼ା ହୁଏ, ଅଳ୍ପ ପରିସ୍ରା ଆସେ ଏବଂ ଅଧିକ କ୍ଷତିକାରକ ହୋଇଥିଲେ ପରିସ୍ରାର ରଙ୍ଗ ତୀବ୍ର ହଳଦିଆ ହୋଇଥାଏ। ତେବେ ଏ ସବୁ କ୍ଷେତ୍ରରେ କୌଣସି ପ୍ରକାର ଭୟଭୀତ ନହୋଇ ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଦେଶୀ ଚିକିତ୍ସା, ଗୁଣୀଗାରେଡ଼ି ବିଶ୍ୱାସ ଏ ସବୁ ଆଦୌ ରଖନ୍ତୁ ନାହିଁ। ପିଲାଟିକୁ ଡାଇରିଆ, ଅଂଶୁଘାତ ଯେ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ।

ପ୍ରଫେସର ଡାକ୍ତର
ଜ୍ୟୋତିରଞ୍ଜନ ଚମ୍ପତିରାୟ
,ଶିଶୁରୋଗ ବିଭାଗ,
ଫକୀରମୋହନ
ମେଡ଼ିକାଲ କଲେଜ,
ବାଲେଶ୍ୱର

ଆଜି ବିଶ୍ୱ ମ୍ୟାଲେରିଆ ଦିବସ

ବିଶ୍ୱ ମ୍ୟାଲେରିଆ ଦିବସ ପ୍ରତିବର୍ଷ ଏପ୍ରିଲ ୨୫ରେ ପାଳିତ ହୋଇଥାଏ । ମାଲେରିଆ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଏହି ସଂଗଠନ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ,ସମଗ୍ର ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ହେଉଛି ମୂଳ ଲକ୍ଷ୍ୟ । ସମଗ୍ର ବିଶ୍ୱରେ ଏହି ରୋଗରେ ପୀଡ଼ିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏଥିପାଇଁ ନିରନ୍ତର ଅର୍ଥନିବେଶ ଓ ରାଜନୈତିକ ଇଚ୍ଛାଶକ୍ତିକୁ ପ୍ରୋତ୍ସାହନ କରିବା ଉପରେ ଡବ୍ଲ୍ୟୁଏଚଓ ଗୁରୁତ୍ୱାରୋପ କରୁଛି। ପୂର୍ବରୁ ସର୍ବାଧିକ ମ୍ୟାଲେରିଆ ପୀଡ଼ିତଙ୍କୁ ବହନ କରୁଥିବା ଆଫ୍ରିକା ମହାଦେଶର ୪୪ଟି ପ୍ରଭାବିତ ଦେଶ ସଂଘବଦ୍ଧ ଭାବେ ମ୍ୟାଲେରିଆ ବିରୋଧରେ ପଦକ୍ଷେପ ନେବା ପାଇଁ ୨୦୦୧ ଏପ୍ରିଲ ୨୫ରେ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ। ସଚେତନତା ତଥା ଜନଜାଗରଣ ସୃଷ୍ଟି ପାଇଁ ୨୦୦୭ ମସିହାରୁ ଏପ୍ରିଲ ୨୫କୁ ମାଲେରିଆ ଦିବସ' ଭାବେ ପାଳନ କରାଯାଉଛି।

ଛତ୍ରପତିଙ୍କ ସଠିକ୍ ରୂପ ନେଇନାହାନ୍ତି ରିତେଶ

ନିକଟରେ 'ରାଜା ଶିବାଜୀ' ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହୋଇଛନ୍ତି। ଏଥିରେ ଅଭିନେତା ରିତେଶ ଦେଶମୁଖଙ୍କୁ କିମ୍ବଦନ୍ତୀ ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଦେଖି ଦର୍ଶକଙ୍କ ମଧ୍ୟରେ ଉତ୍ସାହ କମ୍ ଏବଂ ନିରାଶାର ଛାପ ଅଧିକ ଦେଖିବାକୁ ମିଳୁଛି। କିନ୍ତୁ ରିତେଶ ଦେଶମୁଖ ଏହି ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଖୁବ୍ ପରିଶ୍ରମ କରିଛନ୍ତି। ସେ ନିଜେ ଏହାର ନିର୍ଦ୍ଦେଶକ, ଲେଖକ ଓ ପ୍ରଯୋଜକ। ତେବେ ଟ୍ରେଲର ଦେଖିବା ପରେ କିଛି ଦର୍ଶକଙ୍କ ମତ ହେଉଛନ୍ତି ଛତ୍ରପତି ଶିବାଜୀଙ୍କ ପରି ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧାଙ୍କ ସହିତ ରିତେଶଙ୍କ ଭାବମୂର୍ତ୍ତି ଖାପ ଖାଉନାହିଁ। ବାସ୍ତବରେ ରିତେଶ ଅନେକ ହାସ୍ୟରସାତ୍ମକ ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ ହଠାତ୍ ଏକ ଗମ୍ଭୀର ଚରିତ୍ରରେ ତାଙ୍କୁ ଦେଖି ଦର୍ଶକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ସେ ଏଭଳି ଦୁଃସାହସ କରିବା ଅନୁଚିତ ଥିଲା ବୋଲି ମତ ପ୍ରକାଶ ପାଉଛି। ପୁଣି କିଛି ଲୋକ ତାଙ୍କ ଅଭିନୟକୁ 'ଛାବା' ଚଳଚ୍ଚିତ୍ରରେ ଭିକି କୌଶଲଙ୍କ ଅଭିନୟ ସହିତ ତୁଳନା କରି ସମାଲୋଚନା କରୁଛନ୍ତି। ନେହେ ଆଉ କିଛି ଦର୍ଶକ ଏହି ଚଳଚ୍ଚିତ୍ରକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେ ଯାହା ହେଉ, ରିତେଶ ନିଜର ମହତ୍ୱାକାଂକ୍ଷା ପୂରଣ କରି ଏହି ଚଳଚ୍ଚିତ୍ରକୁ ଅସନ୍ତା ମେ ପହିଲାରେ ମୁକ୍ତିଲାଭ କରାଉଛନ୍ତି। ଏଥିରେ ସଂଜୟ ଦତ୍ତ, ବିଦ୍ୟା ବାଲନ, ଅଭିଷେକ ବଚ୍ଚନ, ମହେଶ ମଞ୍ଜରେକର, ଭାଗ୍ୟଶ୍ରୀ, ବୋମନ୍ ଇରାନୀଙ୍କ ପରି ଅଭିନେତା ଓ ଅଭିନେତ୍ରୀଙ୍କୁ ବିଭିନ୍ନ ଐତିହାସିକ ଚରିତ୍ରରେ ଦେଖିବାକୁ ମିଳିବ। ରିତେଶ ଓ ଜେନେଲିଆଙ୍କ ୧୦ ବର୍ଷୀୟ ପୁଅ ରାହିଲ ଏହି ଚଳଚ୍ଚିତ୍ର ଜରିଆରେ ଅଭିନୟ ଜଗତରେ ପଦାର୍ପଣ କରିଛି।

'ରାମାୟଣ'ରେ ରାମଙ୍କ ମା' ଚରିତ୍ରରେ ଇନ୍ଦିରା କୃଷ୍ଣ

ବଲିଉଡ଼ରେ ଏବେ 'ରାମାୟଣ'କୁ ନେଇ ଖୁବ୍ ଚର୍ଚ୍ଚା ଲାଗି ରହିଛି। ଏହା କେବଳ ଏକ ଫିଲ୍ମ ନୁହେଁ ବରଂ ଭାରତୀୟ ସିନେମାର ସବୁଠାରୁ ବଡ଼ ପ୍ରୋଜେକ୍ଟସବୁ ଭିତରୁ ଗୋଟିଏ କୁହାଯାଉଛି । ପ୍ରାୟ ୪ହଜାର କୋଟି ବଜେଟରେ ନିର୍ମାଣ ହେଉଥିବା ଏହି ଫିଲ୍ମକୁ ନେଇ ପ୍ରତ୍ୟେକ ଅପଡେଟ୍ ଚର୍ଚ୍ଚା ସାଉଛି। ମେକର୍ସ ପ୍ରତି ଚରିତ୍ରକୁ ନେଇ ବହୁ ସାବଧାନତା ଦେଖାଯାଉଛନ୍ତି । କାରଣ କାହାଣୀର ପ୍ରଭାବ ଏବଂ ଗଭୀରତା ଯେଭଳି ଅକ୍ଷୁର୍ଣ୍ଣ ରହିବ । ଏବେ ଫିଲ୍ମ ସହ ଯୋଡ଼ି ହୋଇଥିବା ଏକ ଏଭଳି ଖୁଲାସା ସାମ୍ନାକୁ ଆସିଛି ଯାହା ଫ୍ୟାନ୍ସଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ଭଗବାନ ରାମଙ୍କ ମା' ଭୂମିକାକୁ ନେଇ ଯେଉଁ ନାଁ ସାମ୍ନାକୁ ଆସୁଛି ତାଙ୍କର 'ଏନିମଲ' ସହ ବିଶେଷ କନେକଶନ ଏହି ଖବରକୁ ଅଧିକ ରୋଚକ କରି ଦେଇଛି । ଯେଉଁ ଅଭିନେତ୍ରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଲାଗି ଚୟନ କରାଯାଇଛି ସେ ହେଉଛନ୍ତି ଇନ୍ଦିରା କୃଷ୍ଣନ। ଆଶ୍ଚର୍ଯ୍ୟର କଥା ଏହା ବି ନିକଟରେ ସେ ଫିଲ୍ମ 'ଏନିମଲ'ରେ ରଣବୀର କପୁରଙ୍କ ଶାଶୁ ଭୂମିକାରେ ନଜର ଆସିଥିଲେ ଏବଂ ବର୍ତ୍ତମାନ 'ରାମାୟଣ'ରେ ସେ ଅଭିନେତାଙ୍କ ମା'ଙ୍କ ଚରିତ୍ର ନିଭାଇବାକୁ ଯାଉଛନ୍ତି । ଏହି କନେକଶନ ଖୁସି ଦର୍ଶକଙ୍କ ଉତ୍ସାହ ଅଧିକ ବଢ଼ି ଯାଇଛି । ସେ ନିଜ କ୍ୟାରିୟରରେ ଭିନ୍ନ ଭିନ୍ନ ଚରିତ୍ର ନିଭାଇଛନ୍ତି । ଫିଲ୍ମ ବିଷୟରେ କହିବା ତ 'ତେରେ ନାମ', 'ଲଜ୍ଜିତ' ଏବଂ 'ଏନିମଲ' ଭଳି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ସାରିଛନ୍ତି । ସେହିଭଳି ଟିଭି ଇଣ୍ଡଷ୍ଟ୍ରିରେ ବି ତାଙ୍କର ମଜବୁତ୍ ପକଡ଼ ରହିଛି । ତାଙ୍କ ଅଭିନୟରେ ଏକ ସରଳତା ଏବଂ ଶାଳୀନତା ଅଛି ଯାହା ଗମ୍ଭୀର ଏବଂ ଭାବପ୍ରବଣ ଚରିତ୍ର ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ। ରାମଙ୍କ ମା'ଙ୍କ ଚରିତ୍ର କେବଳ ଜଣେ ମା' ନୁହେଁ ବରଂ ଏକ ଆଦର୍ଶ ଏବଂ ସନ୍ତୁଳିତ ବ୍ୟକ୍ତିତ୍ୱର ପ୍ରତୀକ ହୋଇଥାଏ। ସୂଚନା ମୁତାବକ, ଏହି ଚରିତ୍ର ଅଧିକ ନାଟକୀୟ ହେବ ନାହିଁ ବରଂ ଏହାକୁ ଏକ ଶାନ୍ତ ଏବଂ ପ୍ରଭାବଶାଳୀ ଢଙ୍ଗରେ ଚିତ୍ରଣ କରାଯିବ। ତେଣୁ ଏହି ଭୂମିକା ପାଇଁ ଜଣେ ଅଭିନେତ୍ରୀଙ୍କୁ ବାଛିଛନ୍ତି ଯିଏ ସରଳ ଏବଂ ପ୍ରାମାଣିକ ଢଙ୍ଗରେ ଭାବନାକୁ ଚିତ୍ରଣ କରିପାରିବେ।



ପିଲାବେଳର ବାନ୍ଧବୀଙ୍କୁ ବିବାହ କଲେ ଜୁବୀନ

ଲୋକପ୍ରିୟ ଗାୟକ ଜୁବୀନ ନୌଟିୟାଲ ତାଙ୍କ ପିଲାବେଳର ବାନ୍ଧବୀଙ୍କୁ ବିବାହ କରିଛନ୍ତି । ଉତରାଖଣ୍ଡରେ ଏହି ବିବାହ ଚୁପଚାପ କରାଯାଇଛି । ଏଥିରେ କେବଳ ପରିବାର ସଦସ୍ୟ ଓ ନିକଟତମ ବନ୍ଧୁ ଉପସ୍ଥିତ ଥିଲେ । ଜୁବୀନ ରାତାଁ ଲମ୍ବିୟା, ଲୁଟ ଗୟେ, ତୁମ ହି ଆନା, ବେବଫା ତେରା ମାସୁମ ଚେହେରା ପରି ଗୀତ ଗାଇ ସେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି । ତାଙ୍କର ଅନେକ ପ୍ରଶଂସକ ରହିଛନ୍ତି । ଜୁବୀନ କାହାକୁ ବିବାହ କଲେ ତାହା ସମ୍ପୂର୍ଣ୍ଣ ଭାବେ ଜଣାପଡିନି । ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ଗୋପନ ରଖିବାକୁ ଭଲ ପାଆନ୍ତି । ଅବଶ୍ୟ ଏ ପର୍ଯ୍ୟନ୍ତ ଜୁବୀନ ବିବାହ ସମ୍ପର୍କରେ କୌଣସି ଔପଚାରିକ ବୟାନ ଦେଇ ନାହାନ୍ତି। ୨୦୧୪ରେ ଏକ ମୁଲାକାତ ଗୀତ ମାଧ୍ୟମରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ । ସେ ଏହା ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇ ସାରିଛନ୍ତି। ଡେରାଡୁନର ଜୁବୀନ ୨୦୧୧ରେ ସିଙ୍ଗିଙ୍ଗ ରିୟଲିଟି ଶୋ ଏକ୍ସ ଫ୍ୟାକ୍ଟରରେ ଅଂଶଗ୍ରହଣ କରିଥିଲେ । ଏଥିରେ ସେ ବେଶ ଲୋକପ୍ରିୟତା ହାସଲ କରିଥିଲେ । ସଲମାନ ଖାଁଙ୍କ ବଜରଙ୍ଗୀ ଭାଇଜାନ ଫିଲ୍ମରେ ଜିନ୍ଦା ତୋ ବତା ଜିନ୍ଦେଗୀ ଓ ହ୍ରିତିକ ରୋଶନଙ୍କ କାବିଲ ଫିଲ୍ମରେ ସେ କାବିଲ ହୁଁ କ୍ୟା ଗୀତ ଗାଇଥିଲେ । ଏହା ବ୍ୟତୀତ ସେ ଅନେକ ଲୋକପ୍ରିୟ ଭଜନ ମଧ୍ୟ ଗାଇଛନ୍ତି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୬ ଏପ୍ରିଲ ୨୦୨୬

ବହୁବଚନ: ପ୍ରଥମ ଓ ଶେଷ ଗାନ୍ଧୀବାଦୀ

ଧର୍ମ-ସଂସ୍ଥାପକ, ପୈଗମ୍ବର, ମୁନିମନୀଷୀ ଓ ଦାର୍ଶନିକମାନେ ଯେଉଁ ତତ୍ତ୍ୱ ବଖାଣନ୍ତି, ତାହା ଅନେକ ସମୟରେ ସାଧାରଣ ଲୋକଙ୍କର ବୋଧଗମ୍ୟ ହୁଏନାହିଁ। ତେଣୁ ତତ୍ତ୍ୱର ତର୍ଜମା ଅବଶ୍ୟମ୍ଭାବୀ ହୋଇପଡ଼େ। କିନ୍ତୁ ଅନେକତ୍ର ପରିଲକ୍ଷିତ ହୁଏ ଯେ ଧର୍ମାଚାର୍ଯ୍ୟ, ବିଦ୍ୱାନ ଓ ବିଶାରଦମାନେ ନିଜ ନିଜ ଢଙ୍ଗରେ ଦର୍ଶନର ଭାଷ୍ୟ ପ୍ରସ୍ତୁତ କରନ୍ତି। ଫଳରେ ଦର୍ଶନର ମୌଳିକତା ବାଧାପ୍ରାପ୍ତ ହୁଏ, ଆଦର୍ଶ ଓ ଆଚରଣ ମଧ୍ୟରେ ପାର୍ଥକ୍ୟ ଦେଖାଦିଏ। ବୁଦ୍ଧଙ୍କ ଜୀବଦ୍ଦଶା ଭିତରେ ତାଙ୍କ ବାଣୀ ଓ ବାର୍ତ୍ତାର ଭ୍ରମାତ୍ମକ ବିଶ୍ଳେଷଣ କରାଯାଇଥିଲା ବୋଲି କେତେକ ଇତିହାସକାର ମତ ଦିଅନ୍ତି। କହନ୍ତି ଯେ ବୁଦ୍ଧଦେବ ତାଙ୍କର ପ୍ରିୟ ଶିଷ୍ୟମାନଙ୍କ ବିଭ୍ରାନ୍ତି ପ୍ରତି ବିମୁଖ ଥିଲେ। ବୌଦ୍ଧଧର୍ମ କାଳାନ୍ତରେ ବହୁଧା ବିଭକ୍ତ ହୋଇ ବୌଦ୍ଧମନ୍ତ୍ର 'କରୁଣା' ଓ 'କଲ୍ୟାଣ' ଠାରୁ ଦୂରେଇ ଯାଇଥିଲା। ମାନବପ୍ରେମ ଓ ସେବା ଖ୍ରୀଷ୍ଟଧର୍ମର ଆଧାରଶିଳା। କିନ୍ତୁ ପାଶ୍ଚାତ୍ୟ ଜଗତ, ଯାହା ପାରମ୍ପରିକ ଭାବରେ ଖ୍ରୀଷ୍ଟଭୂମି, ଉପନିବେଶ ମାଧ୍ୟମରେ ପୃଥିବୀବ୍ୟାପୀ ଶୋଷଣର କାରଣ ହୋଇଥିଲା। ପୈଗମ୍ବର ମହମ୍ମଦଙ୍କ ଇସ୍‌ଲାମ୍ ଧର୍ମ ମୂଳତଃ ସଦ୍‌ଭାବ ଓ ସଦାଚାର ଉପରେ ପର୍ଯ୍ୟବସିତ ବୋଲି କହାଯାଏ। ଅଥଚ କେତେକ ଇସ୍‌ଲାମୀୟ ରାଷ୍ଟ୍ର ଆତଙ୍କବାଦର ଚରାଭୂଇଁ। ହିନ୍ଦୁଧର୍ମ ଏକ ସନାତନୀ ସ୍ରୋତ ହୋଇଥିବାରୁ ଏହା ଅନେକ ବିରୋଧାଭାସର ସମାହାର ପରି ମନେହୁଏ। 'ବସୁଧୈବ କୁଟୁମ୍ବକମ୍' ହିନ୍ଦୁ ଦର୍ଶନର ସାରାଂଶ। କିନ୍ତୁ ଅସଂଖ୍ୟ ଜାତିଜୁଡାଦି ଛିଦ୍ରରେ କ୍ଷତବିକ୍ଷତ ହିନ୍ଦୁ-କୁଟୁମ୍ବ। ଆହା- ବିଚାର ଓ ଆଚାର ମଧ୍ୟରେ ସବୁଠି ଯେମିତି ଆକାଶ ପାତାଳର ବ୍ୟବଧାନ। ସାମାଜିକ ଓ ରାଜନୈତିକ 'ବାଦ'ରେ ଏହି ବ୍ୟବଧାନ ଆହୁରି ଜଳଜଳ ହୋଇ ଦିଶେ। ପ୍ଲାଟୋ ଓ ଆରିଷ୍ଟୋଟଲ୍‌ଙ୍କ ଠାରୁ ମାର୍କ୍ସ ଓ ଗାନ୍ଧୀଙ୍କ ପର୍ଯ୍ୟନ୍ତ ଦାର୍ଶନିକମାନେ ନିଜ ଦର୍ଶନ ମାଧ୍ୟମରେ ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ ପ୍ରୟାସ କରିଛନ୍ତି। କିନ୍ତୁ ସେହିସବୁ ଦର୍ଶନର ଧ୍ୱଜାଧାରୀମାନେ 'ବାଦ'କୁ ବିବାଦରେ ପରିଣତ କରିଛନ୍ତି। ସୂକ୍ଷ୍ମ ଚିନ୍ତନକୁ ପ୍ରାୟୋଗିକ ରୂପ ଦେବାବେଳେ ତା'ର ମୂଳକୁ ଭୁଲି ଡାଳ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଏପରିକି ସ୍ଥଳବିଶେଷରେ ଆଚାର ବିଚାର-ବିପରୀତ ହୋଇଛି। ବିଂଶ ଶତାବ୍ଦୀରେ ଦୁଇ ମହାମନୀଷୀ କାର୍ଲ ମାର୍କ୍ସ ଓ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ପୃଥିବୀରେ ସର୍ବାଧିକ ଲୋକପ୍ରିୟତା ଲାଭ କରିଥିଲା। ଅବଶ୍ୟ ମାର୍କ୍ସଙ୍କ 'କମ୍ୟୁନିଷ୍ଟ ମାନିଫେଷ୍ଟୋ' ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ରଚିତ। ମାର୍କ୍ସଙ୍କ ଦୃଷ୍ଟିଭଙ୍ଗୀ ଥିଲା ପ୍ରଚଳିତ ଭାବଧାରା ଠାରୁ ଏକ ବୈପ୍ଲବିକ ବ୍ୟତିକ୍ରମ। ଉତ୍ପୀଡ଼ିତ ଜନତାର ବ୍ୟଥା ଓ ବେଦନାକୁ ସେ ମିତ୍ରଚକ୍ଷୁରେ ଦେଖିଥିଲେ। ତତ୍‌କାଳୀନ ଅର୍ଥନୀତି ଓ ସମାଜ ବ୍ୟବସ୍ଥାର ଚେରକୁ ଚିହ୍ନିଥିଲେ। ଚାରିଟି ସ୍ତମ୍ଭ ଉପରେ ତାଙ୍କ ଦର୍ଶନ ଦଣ୍ଡାୟମାନ: ଶ୍ରେଣୀ ଶୋଷଣ, ଶ୍ରେଣୀ ସଂଘର୍ଷ, ଶୋଷଣ ବିହୀନ ସମାଜ ଗଠନ ଓ ରାଷ୍ଟ୍ରର ଅପସାରଣ। ମାର୍କ୍ସଙ୍କର ଏହି କଳ୍ପନା ବାସ୍ତବ ପାଲଟିଲା ୧୯୧୭ ମସିହାରେ ସୋଭିଏତ୍ ସୋସାଲିଷ୍ଟ ସଂଘ ଗଠନ ମାଧ୍ୟମରେ। ପରବର୍ତ୍ତୀ ସମୟରେ ଚୀନ୍‌ରେ ଓ ଅନ୍ୟ କେତେକ ଦେଶରେ ପ୍ରତିଷ୍ଠିତ ହୋଇଥିଲା ଲାଲ୍ ଶାସନ। ଏହି ଦେଶଗୁଡ଼ିକରେ ସର୍ବହରାମାନଙ୍କର କେତେ ଦୂର ଦୁଃଖ ମୋଚନ ହୋଇଛି ତାହା ଭିନ୍ନ ପ୍ରଶ୍ନ। କିନ୍ତୁ କମ୍ୟୁନିଷ୍ଟ ରାଷ୍ଟ୍ର ଦିନକୁ ଦିନ ବଳିଷ୍ଠ ହୋଇଛି ସିନା ଅପସାରିତ ହୋଇଛି କେଉଁଠି ? ଏଠାରେ ଉଲ୍ଲେଖ ଅପ୍ରାସଙ୍ଗିକ ନୁହେଁ ଯେ ପାଶ୍ଚାତ୍ୟ ଗଣତନ୍ତ୍ର 'ପୁଞ୍ଜି' ଓ 'ଭୋଗ'ର ପ୍ରାଚୀର ମଧ୍ୟରେ କବଳିତ। ତଥାକଥିତ ସେହି ଗଣ ଗଡ଼କୁ ଭେଦ କରିପାରେ ନାହିଁ ଆର୍ତ୍ତର ଆର୍ତ୍ତି। ବୁଭୁକ୍ଷୁ ପାଇଁ ଅଧିକାର ନୁହେଁ, ଅନ୍ନ ହିଁ ସକଳ ଆନନ୍ଦର ଉତ୍ସ। ବିଚାର ଓ ଆଚାର ଭିତରେ ଥିବା ଅସଙ୍ଗତିର ଦୃଷ୍ଟାନ୍ତ ନୁହେଁ କି ଏସବୁ ବିଂଶ ଶତାବ୍ଦୀର ବିଶ୍ୱକୁ ନୂତନ ସରଣୀର ସନ୍ଧାନ ଦେବାରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ସର୍ବୋପରି। ଦାର୍ଶନିକ କହିଲେ ସାଧାରଣ ଅର୍ଥରେ ଯାହାଙ୍କୁ ବୁଝାଯାଏ, ସେ ଦୃଷ୍ଟିରୁ ଗାନ୍ଧୀଜୀ ହୁଏତ ଦାର୍ଶନିକ ନଥିଲେ। ସେ ବଛାବଛା ଗ୍ରନ୍ଥାଗାରକୁ ଯାଇ ବର୍ଷବର୍ଷ ଧରି କ'ଣ ପୁସ୍ତକ ଅଧ୍ୟୟନ କରିଥିଲେ ? କିନ୍ତୁ ପୃଥିବୀ ଠାରୁ ବଡ଼ ଆଉ ଗ୍ରନ୍ଥାଗାରଟିଏ କ'ଣ ଅଛି ? ନା ମଣିଷକୁ ପଢ଼ିବା ଠାରୁ ଅଛି କିଛି ବଡ଼ ଅଧ୍ୟୟନ ? ମଣିଷକୁ ପଢ଼ିଥିବା ମହାତ୍ମା ବିକ୍ଷିପ୍ତ ଭାବରେ ଯାହାସବୁ ଲେଖିଛନ୍ତି, ସେଥିରେ ତାଙ୍କର ଚିନ୍ତନ ମୌଳିକତା ସୁସ୍ପଷ୍ଟ। 'ଧ୍ୟେୟ' ଓ 'ସାଧନ'ର ସମ୍ପର୍କକୁ ନେଇ ଅନ୍ୟ ଦାର୍ଶନିକମାନଙ୍କ ଠାରୁ ଗାନ୍ଧୀଜୀଙ୍କ ମତ ଭିନ୍ନ। ଗଡ୍ଡଳିକା ପ୍ରବାହରେ ଧ୍ୟେୟ ସର୍ବଦା ଶ୍ରେୟ ବିବେଚିତ, ବିଡ଼ମ୍ବିତ ସାଧନ। ଲକ୍ଷ୍ୟପ୍ରାପ୍ତି ପାଇଁ ଯେକୌଣସି ସାଧନାଶ୍ରୟୀ ହେବା ଉପରେ ପ୍ରାୟ ସମସ୍ତେ ସହମତି ପ୍ରକାଶ କରନ୍ତି। କିନ୍ତୁ ଗାନ୍ଧୀଜୀଙ୍କ ମତରେ ବୀଜ ସହିତ ବୃକ୍ଷର ସମ୍ପର୍କ ପରି ଧ୍ୟେୟ ସହିତ ସାଧନର ସମ୍ବନ୍ଧ ନିଆରା। ଖସା ବୁଣିଲେ ଖେସାରି ଉଠେନାହିଁ କି ଶଗଡ଼ରେ ସମୁଦ୍ର ପାରିହୋଇ ହୁଏ ନାହିଁ। ତେଣୁ ଗାନ୍ଧୀ କହନ୍ତି, ଶୁଦ୍ଧ ସାଧନ ମାଧ୍ୟମରେ ଅସାଧ୍ୟ ସାଧନ ସମ୍ଭବ। ସାଧନରେ ଶୁଦ୍ଧତା ନଥିଲେ ଲକ୍ଷ୍ୟରେ ଶୁଚିତା ଆସେ ନାହିଁ। ଅସତ୍ ଉପାୟରେ ଅର୍ଜିତ ଅର୍ଥରେ ନିର୍ମିତ ମନ୍ଦିର ଦେବାଳୟ ହୋଇପାରେ ନା ଲୁଣ୍ଠିତ ଧନରେ ସ୍ଥାପିତ ହସ୍ପିଟାଲ୍ ହୋଇପାରେ ସେବାଳୟ ଏହି ଦୃଷ୍ଟିରୁ ରାଜନୀତି ସର୍ବଦା ଏକ ସାଧନ, ଧ୍ୟେୟ କଦାପି ନୁହେଁ। ଗାନ୍ଧୀଶିଷ୍ୟମାନେ ଗାନ୍ଧୀଜୀଙ୍କ ଏହି ଦର୍ଶନରେ ଆସ୍ଥା ରଖନ୍ତି କି ? ଏପରିକି ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ, ଖଦି ଓ କୁଟୀର ଶିଳ୍ପ ଏବଂ ମୌଳିକ ଶିକ୍ଷା ଗାନ୍ଧୀ ଅନୁଗାମୀମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ। ପ୍ରତ୍ୟାଖ୍ୟାତ ପୁଣି ସ୍ୱଦେଶୀ, ସ୍ୱଚ୍ଛତା ଓ ସତ୍ୟାଗ୍ରହର ସନ୍ଦେଶ। ପୁନଶ୍ଚ ରାଜନୀତିକୁ ଆୟୁଧ କରିବାରେ ମହାତ୍ମାଙ୍କ ପଞ୍ଚଶିଷ୍ୟମାନେ ସାଜିଲେ ଅଗ୍ରଦୂତ। ବ୍ୟକ୍ତି ଜୀବନରେ ହେଉ ବା ହେଉ ସମାଜ ଜୀବନରେ, ଶୁଚିତା ଶବ୍ଦ ଉଚ୍ଚାରଣ କରିବାକୁ ଆମ ନେତା ବା ଜନତା କେହି ଉତ୍ସୁକ ନାହିଁ। ଗାନ୍ଧୀ ବ୍ୟକ୍ତି ଭାବରେ ଯେତେ ପୂଜିତ, ଦର୍ଶନ ଭାବରେ ତତୋଧିକ ଉପେକ୍ଷିତ, ଉପେକ୍ଷିତ ନିକଟଜନଙ୍କ ଦ୍ୱାରା। ଅନେକ ଦିନ ତଳର ଏକ କବିତା ଅନେକଙ୍କ ହୃଦୟରେ ଆଜି ମଧ୍ୟ ଗୁଞ୍ଜରଣ ତୋଳେ: ତିନିଟି ଗୁଳିରେ କିଏ ମୃତ୍ୟୁ ତୁମ ଲୋଡ଼ିଥିଲା, ଆଜି କିନ୍ତୁ ମୃତ ତୁମେ ପ୍ରତି କ୍ଷଣେ ସହସ୍ର ଗୁଳିରେ। ଗାନ୍ଧୀବାଦ ଏକ କପୋଳ ପ୍ରଜ୍ଞାର ଅପର ନାମ। ଅତୀତରେ କେହି ଗାନ୍ଧୀବାଦୀ ଥିଲେ ନା ଏବେ ଅଛନ୍ତି ମହାତ୍ମା ଗାନ୍ଧୀ ନିଜେ ବୋଧହୁଏ ପୃଥିବୀର ପ୍ରଥମ ଓ ଶେଷ ଗାନ୍ଧୀବାଦୀ।

ନାତ୍‌ସି ପୋଷାକ

ଭାରତ ନିର୍ଯାତନା ବିରୋଧୀ ଜାତିସଂଘ ସନନ୍ଦ ('ୟୁଏନ୍‌ସିଏଟି')ର ଅନ୍ୟତମ ସ୍ୱାକ୍ଷରକାରୀ ହୋଇଥିଲେ ହେଁ, ଏ ପର୍ଯ୍ୟନ୍ତ ତାହାକୁ ଅନୁସମର୍ଥନ ପ୍ରଦାନ (ରାଟିଫାଏ) କରିନାହିଁ। ଭାରତରେ ମଧ୍ୟ ନିର୍ଯାତନା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଏକ ଅଲଗା ଆଇନ ପ୍ରଣୀତ ହୋଇନାହିଁ। ଏଇ ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ପାର୍ଲିଆମେଣ୍ଟ ହାଜତ-ନିର୍ଯାତନା ବିରୁଦ୍ଧରେ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବା ଉଚିତ। ମଦୁରାଇ ଅଦାଲତଙ୍କର ରାୟ ସେଥିପାଇଁ ସରକାର ଓ ସାଂସଦମାନଙ୍କର ବିବେକ ଦଂଶନ କରିବ ବୋଲି ଆଶା କରାଯାଏ। ଚଳିତ ମାସରେ ମଦୁରାଇସ୍ଥିତ ଏକ ଅଦାଲତ ଏକ ଅଭୂତପୂର୍ବ ରାୟ ପ୍ରଦାନ କରି ଏକାଥରକେ ନ'ଜଣ ପୁଲିସ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇ ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିବା ଯେ ଦେଶର ନ୍ୟାୟିକ ଇତିହାସରେ ଏକ ବିରଳତମ ଘଟଣା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଦଣ୍ଡଦାନ କରିଥିବା ମାନ୍ୟବର ନ୍ୟାୟମୂର୍ତ୍ତି ଜି ମୁଥୁକୁମାରନ୍ ବିରଳରୁ ବିରଳତମ ରୂପେ ଅଭିହିତ କରିଥିବା ଏଇ ମାମଲାରେ ଦଣ୍ଡିତ ନ'ଜଣଯାକ ପୁଲିସ ଅଧିକାରୀ କ୍ଷମତାର ଚରମ ଦୁରୁପଯୋଗ ଓ ଅବିରାମ ଅତ୍ୟାଚାର ମାଧ୍ୟମରେ ୨୦୨୦ରେ ହାଜତରେ ଥିବା ପି. ଜୟରାଜ ଓ ତାଙ୍କର ପୁତ୍ର ବେନିକ୍ସଙ୍କର ମୃତ୍ୟୁ ଘଟାଇଥିଲେ ବୋଲି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି କହିଛନ୍ତି। କୋଭିଡ୍ ଲକ୍‌ଡାଉନ୍ ସମୟରେ ସେମାନେ ସେମାନଙ୍କର ମୋବାଇଲ ଫୋନ ଦୋକାନକୁ ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରି ଖୋଲା ରଖିଥିବା ଅଭିଯୋଗରେ ପୁଲିସ ଏଇ ପିତାପୁତ୍ର ଦ୍ୱୟଙ୍କୁ ଗିରଫ କରିବା ପରେ ସେମାନଙ୍କୁ ସାରା ରାତି ନିରବଚ୍ଛିନ୍ନ ଭାବରେ ହାଜତରେ ଯନ୍ତ୍ରଣା ଦାନ କଲାପରେ ଶେଷରେ ତାହାର ପରିଣାମରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏଠାରେ ସ୍ୱାଭାବିକ ଭାବରେ ଏକ ଅନୁସନ୍ଧିତ୍ସା ଜାଗ୍ରତ ହୋଇଥାଏ ଯେ ଜଣେ ନୁହେଁ କି ଦୁଇଜଣ ନୁହେଁ, ନ' ନ'ଜଣ ପୁଲିସ-ରୂପକ ମନୁଷ୍ୟ କିଭଳି ସମାନ ପ୍ରକାର ହିଂସ୍ର ଆବେଗର ବଶବର୍ତ୍ତୀ ହୋଇ ଦୁଇଜଣ ଅସହାୟ ନାଗରିକଙ୍କ ଉପରେ ଏଭଳି ମରଣାନ୍ତକ ଅତ୍ୟାଚାର ଚଳାଇବାକୁ ପ୍ରବୃତ୍ତ ହେଲେ ? ଏ ନ'ଜଣଯାକ ଅପରାଧୀ ନିଶ୍ଚିତ ରୂପେ ଭିନ୍ନ ଭିନ୍ନ ପରିବାରରୁ ଆସିଥିବେ, ଭିନ୍ନ ଭିନ୍ନ ପରିବେଶ ଓ ପୃଷ୍ଠଭୂମିରୁ ଆସିଥିବେ, ହୁଏତ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନରୁ ମଧ୍ୟ ଶିକ୍ଷା ଲାଭ କରିଥିବେ। ତା' ହେଲେ ସେମାନଙ୍କ ଠାରେ ଉପସ୍ଥିତ କେଉଁ ସାଧାରଣ ବିଭାବ ସେମାନଙ୍କ ଠାରେ ଏଭଳି ଏକ ସମାନ ହିଂସ୍ର ଆବେଗ ସୃଷ୍ଟି କରିଥାଇପାରେ ? ମାନ୍ୟବର ନ୍ୟାୟମୂର୍ତ୍ତି ତାଙ୍କର ରାୟରେ ଏହାକୁ ଚିହ୍ନଟ କରିଛନ୍ତି: ସେଇ ଅପରାଧୀମାନେ ପିନ୍ଧିଥିବା ପୁଲିସ ପୋଷାକ ବା ୟୁନିଫର୍ମ। ସେ ତାଙ୍କର ରାୟରେ ଚେତାବନୀ ଦେଇଛନ୍ତି ଯେ ପୁଲିସ ୟୁନିଫର୍ମ ନାଗରିକ ଅଧିକାରକୁ ଦଳିମକଚି ଦେବା ପାଇଁ ଅବାଧ ଅଧିକାର ପ୍ରଦାନ କରି ନ ଥାଏ। ବାସ୍ତବରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସାମାଜିକ ମନୋବିଜ୍ଞାନୀମାନେ ମନୁଷ୍ୟର ଚରିତ୍ର ଉପରେ ୟୁନିଫର୍ମର ଏଭଳି ଦାନବୀୟ ପ୍ରଭାବ ସଂପର୍କରେ ବିଭିନ୍ନ ଅନୁସନ୍ଧାନ ଚଳାଇ ଆସିଛନ୍ତି। ନାତ୍‌ସି ଜର୍ମାନୀରେ ହିଟ୍‌ଲରଙ୍କର 'ବ୍ରାଉନ୍ ସାର୍ଟ' ୟୁନିଫର୍ମଧାରୀ 'ଷ୍ଟର୍ମଟ୍ରୁପର'ମାନଙ୍କ ଦ୍ୱାରା ପ୍ରଦର୍ଶିତ ଅମାନୁଷିକ ହିଂସ୍ର ଆଚରଣ ସେମାନଙ୍କୁ ଏଇ ମନତତ୍ତ୍ୱିକ ଅନୁସନ୍ଧାନ ଚଳାଇବାକୁ ପ୍ରବୃତ୍ତ କରିଥିଲା। ସେମାନଙ୍କୁ ଯେଉଁ ପ୍ରଶ୍ନ ଆନ୍ଦୋଳିତ କରିଥିଲା, ତାହା ହେଲା- ଯଦି ଆମଭଳି ନିଜକୁ ସଂପୂର୍ଣ୍ଣ ରୂପେ ସାଧାରଣ ବା ନର୍ମାଲ୍ ବୋଲି ବିଚାର କରୁଥିବା ଜଣେ ବ୍ୟକ୍ତି ସେ ସମୟର ନାତ୍‌ସି ଜର୍ମାନୀରେ ଜନ୍ମଗ୍ରହଣ କରିଥାନ୍ତା ଓ କ୍ଷମତାର ବାହକ ସେଇ 'ବ୍ରାଉନ୍ ସାର୍ଟ' ୟୁନିଫର୍ମ ପରିଧାନ କରିଥାନ୍ତା, ତେବେ ତା'ର ଆଚରଣ କିଭଳି ହୋଇଥାନ୍ତା ? ସେମାନଙ୍କୁ ଯାହା ଆଶ୍ଚର୍ଯ୍ୟ କରିଥିଲା, ତାହା ହେଲା ସେମାନଙ୍କର ଉଚ୍ଚ ବୌଦ୍ଧିକ ଓ ସାଂସ୍କୃତିକ ପରମ୍ପରା ପାଇଁ ସୁଖ୍ୟାତ ଜର୍ମାନ୍‌ମାନଙ୍କର ଏଭଳି ହିଂସ୍ର ରୂପାନ୍ତର ଘଟିଲା କିପରି ? ଏଭଳି ଯେଉଁ ଏକ ଅନୁସନ୍ଧାନ ବୋଧହୁଏ ସର୍ବାଧିକ ପ୍ରସିଦ୍ଧି ଲାଭ କରିଛି, ତାହା ହେଉଛି ୧୯୭୧ରେ ଆମେରିକୀୟ ମନୋବୈଜ୍ଞାନିକ ଫିଲିପ୍ ଜିମ୍ବାର୍ଡୋ ୭୫ ଜଣ ପ୍ରାପ୍ତବୟସ୍କ ପୁରୁଷଙ୍କୁ ନେଇ ଷ୍ଟାନ୍‌ଫୋର୍ଡ କାରାଗାରରେ ଆୟୋଜନ କରିଥିବା ଏକ ପରୀକ୍ଷଣ। ସେମାନଙ୍କୁ ଏକ କାରାଗାର ପରିବେଶ (ଯେମିତି ସଥନ୍‌କୁଲମ୍‌ର ଉପରୋକ୍ତ ପୁଲିସ ହାଜତ)ରେ ରଖାଯାଇ ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ୟୁନିଫର୍ମ ପିନ୍ଧି ଗାର୍ଡର ଭୂମିକା ନିର୍ବାହ କରିବାକୁ କୁହାଗଲା ଏବଂ ଅନ୍ୟମାନଙ୍କୁ ବନ୍ଦୀର ଭୂମିକା ନିର୍ବାହ କରିବାକୁ କୁହାଗଲା। ଏଇ ପରୀକ୍ଷଣ ଦୁଇ ସପ୍ତାହବ୍ୟାପୀ ଚାଲିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ହେଁ ଜିମ୍ବାର୍ଡୋ ମାତ୍ର ଛ'ଦିନ ପରେ ତାହାକୁ ବନ୍ଦ କରିଦେବା ପାଇଁ ବାଧ୍ୟ ହୋଇଥିଲେ। କାରଣ, ଦେଖାଗଲା ଯେ ତଥାକଥିତ ୟୁନିଫର୍ମଧାରୀ ଗାର୍ଡମାନେ ତଥାକଥିତ ଅସହାୟ ବନ୍ଦୀମାନଙ୍କ ଉପରେ କ୍ରମେ ଅତ୍ୟଧିକ ସତସତିକା ହୁକୁମ ଜାହିର କରିବା ଓ ଅତ୍ୟାଚାର କରିବା ଆରମ୍ଭ କରିଦେଲେ। ଏଇ ପରୀକ୍ଷଣର ଫଳାଫଳକୁ ବ୍ୟବହାର କରି ଦାର୍ଶନିକ ଓ ମନସ୍ତତ୍ତ୍ୱବିତ୍‌ମାନେ ଆମକୁ ଚେତାଇ ଦେଇଥାନ୍ତି ଯେ ଆମର ଅନେକ ତଥାକଥିତ ନୈତିକତା ପ୍ରକୃତରେ ସାମାଜିକ ଅନୁମୋଦନ ଉପରେ ନିର୍ଭରଶୀଳ ହୋଇଥାଏ। ଯଦି ସମାଜ ଆମର ହିଂସ୍ର ଆଚରଣକୁ ଅନୁମୋଦନ କରେ, ଆମେ ସମସ୍ତେ ହିଂସ୍ର ଆଚରଣ ପ୍ରଦର୍ଶନ କରିବା ଦେଖାଯିବ। ଆମକୁ ଯଦି କ୍ଷମତା, ୟୁନିଫର୍ମ ଓ ଏକ ଭୂମିକା ପ୍ରଦାନ କରାଯାଆନ୍ତା, ଆମେ ସମସ୍ତେ ଜଣେ ଜଣେ ନାତ୍‌ସି 'ଷ୍ଟର୍ମଟ୍ରୁପର ହୋଇଯାଆନ୍ତେ। ସଥନ୍‌କୁଲମ୍ ଘଟଣା ଏହାର ଏକ ଚରମ ଉଦାହରଣ ହୋଇଥିଲେ ହେଁ, ଭାରତରେ ଦେଖାଯାଉଥିବା ଉଚ୍ଚ ହାଜତ-ହିଂସା ହାର ଜିମ୍ବାର୍ଡୋଙ୍କର ସେଇ ଆବିଷ୍କାରକୁ ସତ୍ୟ ସାବ୍ୟସ୍ତ କରିଥାଏ। ଉଦାହରଣ ସ୍ୱରୂପ 'ନେସନାଲ୍ ହ୍ୟୁମାନ୍ ରାଇଟ୍‌ସ କମିସନ' ପ୍ରତିବର୍ଷ ଦେଶରେ ଘଟିଥିବା ପ୍ରାୟ ହାରାହାରି ୧,୭୦୦ ହାଜତ-ହିଂସା କେସ୍ ପଞ୍ଜୀକୃତ କରିଥାଏ। ହତ୍ୟା ଓ ନିର୍ଯାତନା ଆମ ଆଇନ ଅନୁସାରେ ଜଘନ୍ୟ ଅପରାଧ ରୂପେ ବିବେଚିତ ହୋଇଥାଏ। କିନ୍ତୁ ଯେତେବେଳେ ଖୋଦ୍ ଆଇନର ରକ୍ଷକମାନଙ୍କ ଦ୍ୱାରା ଏହି ଅପରାଧ ସଂଘଟିତ ହୁଏ, ସେତେବେଳେ ନ୍ୟାୟ ବିକୃତ ହୋଇଯାଇଥାଏ। ରକ୍ଷକ ଭକ୍ଷକ ସାଜିଲେ ପୀଡ଼ିତମାନେ ଫେରାଦ ହେବେ କାହା ପାଖରେ ? ଏଣୁ ଏଭଳି ମାମଲାରେ ନ୍ୟାୟ ମିଳିବା ପ୍ରାୟ ଏକ ଅସମ୍ଭବ ବ୍ୟାପାର ହୋଇଥାଏ। ମଦୁରାଇ ଅଦାଲତଙ୍କର ରାୟ ସେଥିପାଇଁ ଏକ ବିରଳ ବ୍ୟତିକ୍ରମ ସଦୃଶ ହୋଇଥାଏ। କ୍ଷମତାର ଏପରି ନଗ୍ନ ଅପବ୍ୟବହାର ରୋକିବା ପାଇଁ ଲୋଡ଼ା ଏଇଭଳି ଏକ ସକ୍ରିୟ ନ୍ୟାୟପାଳିକା, ଏବଂ ଏଥିସହିତ ଆଇନର ଶାସନ, ମାନବାଧିକାର ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତା ଥିବା ଏକ ସମ୍ବେଦନଶୀଳ ପ୍ରଶାସନ। ମଦୁରାଇ ଅଦାଲତଙ୍କ ରାୟ ବିରୁଦ୍ଧରେ ଅବଶ୍ୟ ସୁପ୍ରିମ୍ କୋର୍ଟରେ ଅପିଲ୍ ଦାଖଲ ହେବା ନିଶ୍ଚିତ ଏବଂ ସେଠାରେ ମୃତ୍ୟୁଦଣ୍ଡ କାଏମ ରହିବାର ସମ୍ଭାବନା କ୍ଷୀଣ ହୋଇପାରେ। କିନ୍ତୁ ଏଥିସତ୍ତ୍ୱେ ମଦୁରାଇ ଅଦାଲତଙ୍କର ରାୟ ଉଭୟ ପୁଲିସ ଓ ଆଇନରେ ଆବଶ୍ୟକ ସଂସ୍କାର ପ୍ରବର୍ତ୍ତନ କରିବା ପାଇଁ ସରକାରଙ୍କୁ ଚେତାଇ ଦେବ ବୋଲି ଆଶା କରାଯାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ନିର୍ଯାତନା ବିରୋଧୀ ଜାତିସଂଘ ସନନ୍ଦ ('ୟୁଏନ୍‌ସିଏଟି')ର ଅନ୍ୟତମ ସ୍ୱାକ୍ଷରକାରୀ ହୋଇଥିଲେ ହେଁ, ଏ ପର୍ଯ୍ୟନ୍ତ ତାହାକୁ ଅନୁସମର୍ଥନ ପ୍ରଦାନ (ରାଟିଫାଏ) କରିନାହିଁ। ଭାରତରେ ମଧ୍ୟ ନିର୍ଯାତନା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଏକ ଅଲଗା ଆଇନ ପ୍ରଣୀତ ହୋଇନାହିଁ। ଏଇ ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ପାର୍ଲିଆମେଣ୍ଟ ହାଜତ-ନିର୍ଯାତନା ବିରୁଦ୍ଧରେ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବା ଉଚିତ। ମଦୁରାଇ ଅଦାଲତଙ୍କର ରାୟ ସେଥିପାଇଁ ସରକାର ଓ ସାଂସଦମାନଙ୍କର ବିବେକ ଦଂଶନ କରିବ ବୋଲି ଆଶା କରାଯାଏ।

ରାଜନୀତିକ ମର୍ଯ୍ୟାଦାର ପୁରୋଧା

ଜାନକୀବଲ୍ଲଭ ପଟ୍ଟନାୟକ 'ଆକ୍‌ସିଡେଣ୍ଟାଲ୍' ରାଜନେତା ନଥିଲେ। ରାଜନୀତି ତାଙ୍କ ପାଇଁ ଥିଲା ପ୍ରବୃତ୍ତିର ପରିଚର୍ଯ୍ୟା ଓ ପରିଶୀଳନ; ଶୁଦ୍ଧ-ସାଧନା ଓ ସିଦ୍ଧ-ସଂକଳ୍ପ। ରାଜନୀତି ଲୋକକଲ୍ୟାଣର ପ୍ରକୃଷ୍ଟ କ୍ଷେତ୍ର, ଦେଶ ନିର୍ମାଣ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଅବକାଶ ବା ସୁଯୋଗ ଓ ତାହା ଶ୍ରେଷ୍ଠ ନୀତି ଏବଂ ପ୍ରତ୍ୟେକ ସଚେତନ ବ୍ୟକ୍ତି ରାଜନୀତି ସହିତ ଯୋଡ଼ି ହେବା ଆବଶ୍ୟକ; ଏହି ବୋଧ, ବିଚାର ଓ ନିଷ୍କର୍ଷ ହାଇସ୍କୁଲ ଶ୍ରେଣୀରେ ପାଠପଢ଼ିବା ଦିନରୁ ତାଙ୍କ ଭିତରେ ସଂଚରିତ, ବିସ୍ତାରିତ ଓ ବଳବନ୍ତର ହୋଇଥିଲା। ସାହିତ୍ୟ ତାଙ୍କ ପାଇଁ ଥିଲା ପିତୃଦତ୍ତ ପ୍ରତିଭା। ଶିକ୍ଷକ-ପିତା ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ପ୍ରସିଦ୍ଧ କବି। ଖୋର୍ଦ୍ଧା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିଲା ବେଳେ ସ୍କୁଲ ପତ୍ରିକା 'ଅବକାଶ'ରେ ଐତିହାସିକ ଚରିତ୍ର ଅଶୋକଙ୍କୁ ଉପଲକ୍ଷ୍ୟ କରି ଜାନକୀବଲ୍ଲଭ ଲେଖିଥିଲେ ପ୍ରଥମ କବିତା 'ଅଶୋକ'। ସାହିତ୍ୟ ଓ ରାଜନୀତି ତାଙ୍କ ଜୀବନକୁ ଆପ୍ଲୁତ କରିଥିଲା ଓ ଉଭୟ କ୍ଷେତ୍ରରେ ସେ ଥିଲେ ଶିଖରସ୍ପର୍ଶୀ। ୧୯୫୬ ମସିହାରେ ତାଙ୍କ ଲିଖିତ ପ୍ରଥମ ପୁସ୍ତକ 'ଗୌତମ ବୁଦ୍ଧ'ରୁ ଆରମ୍ଭ କରି ତାଙ୍କ ସମଗ୍ର ସର୍ଜନ ସଂସାରକୁ ଅନୁଶୀଳନ କଲେ ଦିଶେ ଯେ ମୁଖ୍ୟତଃ ତାଙ୍କ ସାହିତ୍ୟରେ ଅଛି ମାନବ-ସମ୍ବେଦୀ ଅଧ୍ୟାତ୍ମ-ସୌନ୍ଦର୍ଯ୍ୟ। ତାଙ୍କ ରାଜନୀତି ଥିଲା ନିରୁତା ରାଷ୍ଟ୍ରପ୍ରେମ, ନିଘଟ-ଲୋକକଲ୍ୟାଣ ଓ ମୂଲ୍ୟବୋଧର ନିବିଷ୍ଟ ନୀରାଜନା; ସାହିତ୍ୟ ତାଙ୍କ ରାଜନୀତିକୁ ଶ୍ଳୀଳ କରିଥିଲା, ଶୋଭାବନ୍ତ ଓ ମର୍ଯ୍ୟାଦାବନ୍ତ ମଧ୍ୟ କରିଥିଲା। ରାଜନୀତିରେ ଜାନକୀବଲ୍ଲଭ ଥିଲେ ଉଚ୍ଚଶିକ୍ଷିତ ଓ ବିଚାରନିଷ୍ଠ। ୧୯୪୯ ମସିହାରେ ଭାରତବର୍ଷର ସେତେବେଳର ସୁପ୍ରସିଦ୍ଧ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍ ?.ଏ. ପଢ଼ା ସାରି ଓଡ଼ିଶା ଫେରିବା ପରେ ମାନନୀୟ ନବକୃଷ୍ଣ ଚୌଧୁରୀ ତାଙ୍କୁ ସରକାରୀ ଚାକିରି କରିବାକୁ ପ୍ରବର୍ତ୍ତାଇ ଥିଲେ। ନବବାବୁଙ୍କୁ ସେ ଖୁବ୍ ସମ୍ମାନ କରୁଥିଲେ ଓ ଗୁରୁତ୍ୱ ଦେଉଥିଲେ; ହେଲେ କୌଣସି ସରକାରୀ ଚାକିରି ନ କରି ସାଧାରଣ ଜୀବନରେ ରହି କାମ କରିବାର ନିଷ୍ପତ୍ତି ସେତେବେଳକୁ ସେ ନେଇ ସାରିଥିଲେ। ରେଭେନ୍‌ସାରେ ପାଠ ପଢ଼ିବା ବେଳୁ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହିତ ତାଙ୍କର ପରିଚୟ ଥିଲା ଓ ସେ ଡକ୍ଟର ମହତାବଙ୍କ ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର'ରେ ଯୋଗ ଦେଲେ। ୧୯୪୯ରୁ ୧୯୬୭, ୧୮ ବର୍ଷ, ଦୁଇଟି ପ୍ରସିଦ୍ଧ ଦୈନିକ ଖବରକାଗଜ, ଓଡ଼ିଆ 'ପ୍ରଜାତନ୍ତ୍ର' ଓ ଇଂରେଜୀ 'ଇଷ୍ଟର୍ଣ୍ଣ ଟାଇମ୍‌ସ'ର ସଂପାଦକ ଭାବରେ ଦାୟିତ୍ୱ ନିର୍ବାହ କରି କେବଳ ଓଡ଼ିଶା ନୁହେଁ, ଭାରତବର୍ଷ ଓ ଅନ୍ତର୍ଜାତୀୟ ରାଜନୀତି ଓ ରାଷ୍ଟ୍ରନୀତି ସଂପର୍କରେ ସେ ପ୍ରତୁଳ ଜ୍ଞାନ ଓ ଅନୁଭୂତି ଅର୍ଜନ କରିଥିଲେ। ଏବଂ ସେଇଠି, ସେଇ ୧୮ ବର୍ଷରେ ସୁଯୋଗ ଓ ସାମର୍ଥ୍ୟର ବାଞ୍ଛିତ ସମନ୍ୱୟରେ ଜାନକୀବଲ୍ଲଭଙ୍କ ଦୂରଦର୍ଶୀ, ପାରଦର୍ଶୀ ଓ ସଫଳ ରାଜନୀତିକ ବ୍ୟକ୍ତି-ମୂଳଦୁଆଟି ଦୃଢ଼ ଭାବରେ ଗଢ଼ି ହୋଇ ଯାଇଥିଲା। 'ପ୍ରଜାତନ୍ତ୍ର'ରୁ ଅବ୍ୟାହତି ନେଇ ୧୯୬୭ ମସିହାର ପବିତ୍ର ରଥଯାତ୍ରା ଅବସରରେ ଜାନକୀବଲ୍ଲଭ ଆରମ୍ଭ କରିଥିଲେ ମାସିକ ପତ୍ରିକା 'ପୌରୁଷ' ପ୍ରକାଶନ। ଏହି ପୌରୁଷ ନାମକରଣଟି ଥିଲା ତାଙ୍କ ଉତ୍ତୁଙ୍ଗ ଆତ୍ମବିଶ୍ୱାସ ଓ ଅସୀମ ଆତ୍ମସମ୍ମାନବୋଧର ପ୍ରତିଭୂ; ପ୍ରତିଜ୍ଞା। ଏହି ପୌରୁଷରେ ପ୍ରଜ୍ଞା ଥିଲା ଏବଂ ଥିଲା ନମ୍ରତା; ଯେଉଁ ଏକତ୍ରପଣ କ୍ୱଚିତ ଘଟେ। ରାଜନୀତିରେ ଓ ବ୍ୟକ୍ତି ଭାବରେ ତେଣୁ ସେ ବାରି ହୋଇ ପଡୁଥିଲେ, ଉଜ୍ଜ୍ୱଳ ଦିଶୁଥିଲେ। ୧୯୬୮ ମସିହାରେ ଜାତୀୟ ସ୍ତରରେ କଂଗ୍ରେସ ବିଭାଜିତ ହେଲା। ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ କାଳର କେହି ନେତା ସେତେବେଳକୁ ପ୍ରାୟତଃ ଆଉ କଂଗ୍ରେସ ସହିତ ନ ଥିଲେ; ତାହା ଏକାଧିକ ଭାଗରେ ବିଭକ୍ତ ହୋଇ ଯାଇଥାଏ। ଜାନକୀବଲ୍ଲଭଙ୍କ ପାଇଁ ଏଇଠି ଆସିଲା ଅସଲ ପରୀକ୍ଷା ଓ ଅସଲ ସୁଯୋଗ। ୧୯୭୧ ମସିହାରେ କଟକ ଆସନରୁ ଲୋକସଭାକୁ ନିର୍ବାଚିତ ହେବା ଓ ୧୯୭୩ ମସିହାରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନିତ ହେବା ପରେ ଓଡ଼ିଶା ଓ ଜାତୀୟ କଂଗ୍ରେସ ରାଜନୀତି ସହିତ ସେ ଯଥେଷ୍ଟ ଘନିଷ୍ଠ ହୋଇ ସାରିଥିଲେ। ଜାତୀୟ ସ୍ତରରେ ତାଙ୍କର ଏକ ସଂଭ୍ରାନ୍ତ ପରିଚିତି ତିଆରି ହୋଇ ସାରିଥିଲା। ଇନ୍ଦିରା ଗାନ୍ଧୀ ତାଙ୍କ ଦକ୍ଷତାକୁ ପରଖି ସାରିଥିଲେ। ଓଡ଼ିଶାର ନୂତନ କଂଗ୍ରେସକୁ ଗଢ଼ିବାର ଭାର ଇନ୍ଦିରା ଜାନକୀବଲ୍ଲଭଙ୍କ ଉପରେ ନ୍ୟସ୍ତ କରିଥିଲେ ଓ ଜାନକୀବଲ୍ଲଭ ହିଁ ଓଡ଼ିଶାରେ କଂଗ୍ରେସକୁ ଗଢ଼ିଛନ୍ତି; ଏବଂ ନିଜ ବାଗରେ ଗଢ଼ିଛନ୍ତି। ନେତୃତ୍ୱରେ ଶାଳୀନତା ଗୋଟିଏ ଅମୂଲ୍ୟ ସଂପଦ; ଜାନକୀବଲ୍ଲଭ ସେହି ସଂପଦର ଅସପତ୍ନ ଅଧିକାରୀ। ରାଜ୍ୟର ବିଭିନ୍ନ ଅଂଚଳରୁ ରାଜନୀତି ପ୍ରତି ରୁଚି ରଖିଥିବା ବହୁ ଉଚ୍ଚଶିକ୍ଷିତ ଯୁବକ ଜାନକୀବଲ୍ଲଭଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ଏବଂ କଂଗ୍ରେସରେ ଏକ ପ୍ରଭାବଶାଳୀ, ଶକ୍ତିଶାଳୀ ଓ ସମ୍ଭାବନାଯୁକ୍ତ ନୂଆ ପିଢ଼ିର ଅଭ୍ୟୁଦୟ ଘଟିଥିଲା। ଜାନକୀବଲ୍ଲଭ କେବଳ ନୂତନ କଂଗ୍ରେସକୁ ଗଢ଼ି ନ ଥିଲେ, ସଫଳ ନେତୃତ୍ୱ ଦେଇ କଂଗ୍ରେସ ଶାସନକୁ ଲୋକାଭିମୁଖୀ କରିଥିଲେ। ୧୯୮୦ ମସିହା ଜାନୁଆରିରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଜାନକୀବଲ୍ଲଭଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ବିସ୍ମୟପ୍ରଦ ସଫଳତା ଲାଭ କରିଥିଲା। ରାଜ୍ୟରେ କଂଗ୍ରେସ ୫୫ ପ୍ରତିଶତ ଭୋଟ ପାଇଥିଲା। ଓଡ଼ିଶାରେ ୨୧ଟି ଲୋକସଭା ଆସନ ମଧ୍ୟରୁ ସେଥର କେନ୍ଦୁଝର ଆସନର ନିର୍ବାଚନ ସ୍ଥଗିତ ଥିଲା ଏବଂ ୨୦ଟି ଆସନରୁ କଂଗ୍ରେସ ୧୯ଟି ଆସନରେ ବିଜୟ ଲାଭ କରିଥିଲା। ଛଅ ମାସ ପରେ ୧୯୮୦ ଜୁନ୍ ମାସରେ ଓଡ଼ିଶା ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଥିଲା ୧୧୦ ଆସନ। ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜୁନ୍ ୧୦ ତାରିଖରେ ଜାନକୀବଲ୍ଲଭ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ଏବଂ ରାଜ୍ୟକୁ ପ୍ରଥମେ ସେ ହିଁ ଦେଇଥିଲେ ସ୍ଥିର ସରକାର; ୯ ବର୍ଷ, ୧୯୮୦ରୁ ୧୯୮୯। ତାଙ୍କ ପୂର୍ବରୁ କୌଣସି ସରକାର ୫ ବର୍ଷର ଅବଧି ପୂରଣ କରି ନ ଥିଲା। ନେତୃତ୍ୱ ଯଦି ବିଚାରବନ୍ତ ଓ ଅନୁଭୂତିସମ୍ପନ୍ନ ହୋଇଥାଏ, ରାଜ୍ୟ ବା ରାଷ୍ଟ୍ରକୁ ସେ ଯଦି ଠିକଣା ଭାବରେ ହେଜିଥାଏ, ସ୍ଥିର ଶାସନରେ ରାଜ୍ୟ ବା ରାଷ୍ଟ୍ରର ଦୀର୍ଘକାଳୀନ ପ୍ରଭୂତ ବିକାଶ ସାଧିତ ହୋଇଥାଏ। ଜାନକୀବଲ୍ଲଭଙ୍କ ଶାସନରେ ଠିକ୍ ତାହା ହିଁ ହୋଇଥିଲା; ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାହିତ୍ୟ, ସଂସ୍କୃତି ଆଦି କ୍ଷେତ୍ରରେ ଯୋଜନାବଦ୍ଧ ବିକାଶ ସଂଘଟିତ ହୋଇଥିଲା। 'ହଜାର ଦିନରେ ହଜାର କୋଟି ଟଙ୍କାରେ ହଜାର ଶିଳ୍ପ' କେବଳ ଗୋଟିଏ ଶ୍ରୁତି-ଚମକ ରାଜନୀତିକ ସ୍ଲୋଗାନ ନ ଥିଲା; ଏହାର କାର୍ଯ୍ୟାନ୍ୱୟନ ଦିଗରେ ସରକାର ସତ୍ୟନିଷ୍ଠ ଥିଲେ। ୧୯୯୫ ମସିହାର ବିଧାନସଭା ନିର୍ବାଚନ ଓ ୧୯୯୬ ମସିହାର ଲୋକସଭା ନିର୍ବାଚନର ଫଳାଫଳ ଜାନକୀବଲ୍ଲଭଙ୍କ ରାଜନୀତିକ ନେତୃତ୍ୱର ଉତ୍ତୁଙ୍ଗତା ଓ ଶ୍ରେଷ୍ଠତାର ପ୍ରମାଣ ଦେଇଥାଏ। ଦୀର୍ଘ ୨୭ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ପରେ ୧୯୯୦ ମସିହାରେ ବିଜୁବାବୁ ଓଡ଼ିଶା ଶାସନରେ ଅଧିଷ୍ଠିତ ହୋଇଥିଲେ। ସେ ବହୁ ଅନୁଭବୀ ରାଜନେତାଙ୍କୁ ନେଇ ସରକାର ଗଢ଼ିଥିଲେ। ପାଁ ବର୍ଷରେ ବିଜୁବାବୁଙ୍କୁ କ୍ଷମତାଚ୍ୟୁତ କରିବା ପରି କୌଣସି ପରିସ୍ଥିତି ରାଜ୍ୟରେ ଆଦୌ ଅନୁଭୂତ ହେଉ ନ ଥିଲା। ୧୯୯୨ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଦାୟିତ୍ୱ ନେବା ପରେ ଗୋଷ୍ଠୀ କନ୍ଦଳରେ ଛନ୍ଦି ହୋଇ ଦୁର୍ବଳ ହୋଇଯାଇଥିବା କଂଗ୍ରେସକୁ ଜାନକୀବଲ୍ଲଭ ନିଷ୍ଠାର ସହିତ ସଂଗଠିତ କଲେ ଓ ୧୯୯୫ ମସିହା ବିଧାନସଭା ନିର୍ବାଚନରେ ୮୦ଟି ବିଧାନସଭା ଆସନ ଜିତି ସେ ତୃତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୯୬ ମସିହାର ଏକାଦଶ ଲୋକସଭା ନିର୍ବାଚନ ବେଳକୁ ଜାତୀୟ ସ୍ତରରେ କଂଗ୍ରେସ ଦୁର୍ବଳ ହୋଇଯାଇଥିଲା। ୧୯୯୧ ମସିହାରେ ପି. ଭି. ନରସିଂହ ରାଓଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାର ଯଦିଓ ୫ ବର୍ଷର ଅବଧି ପୂର୍ଣ୍ଣ କରିଥିଲା; ନିର୍ବାଚନ ବେଳକୁ ନାନା ଦୁର୍ନୀତି ଅଭିଯୋଗରେ ସରକାରର ଛବି ଯଥେଷ୍ଟ ମଳିନ ହୋଇ ଯାଇଥିଲା। ନିର୍ବାଚନରେ କଂଗ୍ରେସ ଶୋଚନୀୟ ଭାବରେ ପରାଜିତ ହେଲା। ସାରା ଦେଶରେ କଂଗ୍ରେସ ପାଇଥିଲା ମାତ୍ର ୧୩୬ଟି ଆସନ। ମାତ୍ର ସାରା ଦେଶକୁ ଚକିତ କରିଦେଇ ଜାନକୀବଲ୍ଲଭଙ୍କ ସଫଳ ରଣକୌଶଳରେ ଓଡ଼ିଶାରେ କଂଗ୍ରେସ ୨୧ ଆସନରୁ ୧୬ଟି ଆସନରେ ବିଜୟୀ ହୋଇଥିଲା। ରାଜ୍ୟ କଂଗ୍ରେସର ସଭାପତି ଭାବରେ ଓ ପ୍ରାୟ ୧୪ ବର୍ଷର ମୁଖ୍ୟମନ୍ତ୍ରୀ ଭାବରେ ଦଳୀୟ ସଂଗଠନରେ ଓ ଶାସନରେ ଜାନକୀବଲ୍ଲଭ କେବଳ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିନାହାନ୍ତି; ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ସେ ଉଲ୍ଲେଖନୀୟ ପାରଦର୍ଶିତା ପ୍ରତିପାଦିତ କରିଛନ୍ତି। ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ ଅଳ୍ପ ଦିନ ପୂର୍ବରୁ କଂଗ୍ରେସର ରାଜ୍ୟ ସଭାପତି ଦାୟିତ୍ୱ ନେଇ ସେ ନିର୍ବାଚନ ପରିଚାଳନା କରିଥିଲେ ଓ ରାଜ୍ୟରେ କଂଗ୍ରେସ ୩୮ଟି ଆସନରେ ବିଜୟୀ ହୋଇଥିଲା। ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାରେ ଜାନକୀବଲ୍ଲଭ ବିରୋଧୀ ଦଳର ନେତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପୂର୍ବରୁ ଓଡ଼ିଶାରେ ଅନ୍ୟ କୌଣସି ରାଜନେତା ଏକାଦି କ୍ରମେ ୫ ବର୍ଷ ପାଇଁ ବିରୋଧୀ ଦଳର ନେତା ଦାୟିତ୍ୱ ନିର୍ବାହ କରି ନାହାନ୍ତି। ବିରୋଧୀ ଦଳର ନେତା ଭାବରେ ତାଙ୍କର କାର୍ଯ୍ୟାବଳୀ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ସେ ନିୟମିତ ବିଧାନସଭାରେ ଉପସ୍ଥିତ ରହୁଥିଲେ ଏବଂ ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଅତ୍ୟନ୍ତ ଶକ୍ତିଶାଳୀ ଓ ଗଠନଶୀଳ ବିରୋଧୀ ଦଳର ଭୂମିକା ତୁଲାଉଥିଲା। ପ୍ରତ୍ୟେକଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେ ଆଲୋଚନାରେ ଅଂଶଗ୍ରହଣ କରୁଥିଲେ ଏବଂ ତାଙ୍କର ପ୍ରତ୍ୟେକଟି ଆଲୋଚନା ପ୍ରସଙ୍ଗଭିତ୍ତିକ, ତଥ୍ୟନିଷ୍ଠ ଓ ଯୁକ୍ତିନିଷ୍ଠ ଥିଲା। ଆଲୋଚନାରେ ପ୍ରତ୍ୟକ୍ଷ ଭାଗ ନେବା ପାଇଁ ସେ ରୀତିମତ ପ୍ରସ୍ତୁତ ହୋଇ ବିଧାନସଭାକୁ ଯାଉଥିଲେ ଓ ସ୍ଥଳ ବିଶେଷରେ ସେ ଲିଖିତ ବକ୍ତବ୍ୟ ପ୍ରସ୍ତୁତ କରୁଥିଲେ। ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ତାଙ୍କ ପ୍ରଦତ୍ତ ୩୫ଟି ଅଭିଭାଷଣକୁ ଏକତ୍ର କରି 'ଆମ ଓଡ଼ିଶା' ପକ୍ଷରୁ 'ବାଚସ୍ପତି ମହୋଦୟ !' ଶୀର୍ଷକରେ ୨୦୧୨ ମସିହାରେ ଗ୍ରନ୍ଥଟିଏ ପ୍ରକାଶ ପାଇଛି। ଗ୍ରନ୍ଥଟି ଓଡ଼ିଶାର ଭିନ୍ନ ଏକ ଇତିହାସ ଗ୍ରନ୍ଥ; ଓଡ଼ିଶାକୁ ନେଇ ଜାନକୀବଲ୍ଲଭଙ୍କ ସ୍ୱପ୍ନ, ସଂକଳ୍ପ ଓ ବ୍ୟଥାର ନିଖୁଣ ପ୍ରତିବିମ୍ବନ ସହିତ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ କରିବା ଦିଗରେ ତଥ୍ୟ, ସୂତ୍ର ଓ ସମ୍ଭାବନା ଆଦିର ଚିତ୍ର ସେଥିରେ ସ୍ଥାନିତ ହୋଇଛି। ସେହିପରି ୨୦୧୦ ମସିହାରେ 'ଆମ ଓଡ଼ିଶା' ପକ୍ଷରୁ 'ଓଡ଼ିଶା ଶାସନର ଏକ ସ୍ୱର୍ଣ୍ଣଯୁଗ' ଶୀର୍ଷକରେ ପୁସ୍ତକଟିଏ ପ୍ରକାଶ ପାଇଥିଲା। ଜାନକୀବଲ୍ଲଭଙ୍କ ଶାସନ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ଥିବା ବହୁ ପ୍ରବୀଣ ରାଜନେତା, ପ୍ରଶାସକ ଓ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ତାଙ୍କ ଶାସନ କାଳରେ କାର୍ଯ୍ୟକାରୀ ହୋଇଥିବା ପ୍ରଗତିମୂଳକ କାର୍ଯ୍ୟାବଳୀ ସଂପର୍କରେ ତଥ୍ୟନିଷ୍ଠ ଆଲୋଚନା କରିଛନ୍ତି। ଏଥିରେ ଶ୍ରୀଜଗନ୍ନାଥ, ଭାଷା-ସାହିତ୍ୟ, କଳା-ସଂସ୍କୃତି, କୃଷି, ଜଳସେଚନ, ବିଦ୍ୟୁତ୍ ?, ଶିଳ୍ପ, ଗମନାଗମନ ଓ ପରିବହନ, ଜନଜାତିର ବିକାଶ, ଶିକ୍ଷା ଓ ଗବେଷଣା, ସଂଖ୍ୟାଲଘୁଙ୍କ ସମ୍ମାନ ଓ ସୁରକ୍ଷା ଆଦି ପ୍ରସଙ୍ଗ ସ୍ଥାନ ପାଇଛି। ଜାନକୀବଲ୍ଲଭଙ୍କ ଶାସନକୁ ଜାଣିବା ପାଇଁ, ବୁଝିବା ପାଇଁ 'ବାଚସ୍ପତି ମହୋଦୟ !' ଓ 'ଓଡ଼ିଶା ଶାସନର ଏକ ସ୍ୱର୍ଣ୍ଣଯୁଗ' ଦୁଇଟିଯାକ ଅତ୍ୟନ୍ତ ଉପାଦେୟ ଗ୍ରନ୍ଥ। ଜାନକୀବଲ୍ଲଭ ପଟ୍ଟନାୟକ କେବଳ ଆଧୁନିକ ଓଡ଼ିଶାର ନିର୍ମାତା ନ ଥିଲେ, ରାଜନୀତିକ ମର୍ଯ୍ୟାଦା ଓ ସୌନ୍ଦର୍ଯ୍ୟର ସେ ଥିଲେ ପୁରୋଧା। ତାଙ୍କ ଶ୍ରାଦ୍ଧ ଦିବସରେ ସଶ୍ରଦ୍ଧ ପ୍ରଣାମ।

ଜୀବନ ଯାତ୍ରାରେ ଅନ୍ତିମ ବନ୍ଧୁ

ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ଅହଂକାରୀ ରାଜା ଥିଲେ। ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଅର୍ଥ, ସୁନା, ହୀରା, ନୀଳା, ମୋତି, ଧନ ସମ୍ପତ୍ତି ରେ ଭରପୂର ଥିଲା ଭଣ୍ଡାର। ତାଙ୍କର ୪ଜଣ ପତ୍ନୀ ଥିଲେ ଏହାର ଅର୍ଥ ୪ଜଣ ରାଣୀ ଥିଲେ ଏବଂ ତାଙ୍କର ଅନେକ ଦାସୀ ଥିଲେ। ରାଜା ଏତେ ପରାକ୍ରମୀ ଥିଲେ ଯେ ସେ ଏକଶହରୁ ଅଧିକ ରାଜ୍ୟ ଜୟ କରିଥିଲେ। ସେ ସଦାସର୍ବଦା ନିଜକୁ ମହାନ ଯୋଦ୍ଧା ମନେକରୁଥିଲେ ତାଙ୍କୁ କେହି ପରାଜିତ କରିପାରିବେ ନାହିଁ ବୋଲି ତାଙ୍କ ମନରେ ଅହଂକାର ଥିଲା। ସେ ନାସ୍ତିକ ଥିଲେ ସେ କୌଣସି ଦେବା ଦେବୀଙ୍କୁ ବିଶ୍ୱାସ କରୁନଥିଲେ। ତାଙ୍କର ୪ଜଣ ଧର୍ମପତ୍ନୀଙ୍କୁ ସେ ନିଜର ପ୍ରାଣରୁ ଅଧିକ ଭଲ ପାଉଥିଲେ। ସେ ସଦାସର୍ବଦା ଭାବୁଥିଲେ ତାଙ୍କର ବିପଦସମୟରେ, ଦୁଃଖ ସମୟରେ ତାଙ୍କର ୪ଜଣ ଧର୍ମପତ୍ନୀ ପାଖେ ପାଖେ ରହିବେ, ସେବାଯତ୍ନ କରିବେ। କିଛି ବର୍ଷ ଅତିକ୍ରମ ହେଲା ପରେ ଦିନେ ହଠାତ ସେ ରାଜା ଏକ ଭୟଙ୍କର ଦୁରାରୋଗ୍ୟରେ ଆକ୍ରାନ୍ତ ହେଲେ। ସେ ରୋଗର କୌଣସି ଚିକିତ୍ସା ପଦ୍ଧତି ଉପଲବ୍ଧ ନଥିଲା। ଅନେକ ବଡ଼ ବଡ଼ ବୈଦ୍ୟ ଚିକିତ୍ସା ପାଇଁ ଆସିଥିଲେ କିନ୍ତୁ କାହାରି କରିବୁଟି କାମ ଦେଉନଥିଲା। ଯେତେବେଳେ ମହାବଳଶାଳୀ ରାଜା ବିଛଣାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିଲେ ସେହି ସମୟରେ ନିଜର ଭାବୁଥିବ ନିଜର ପ୍ରାଣଠାରୁ ଅଧିକ ଭଲ ପାଉଥିବା ଧର୍ମପତ୍ନୀ ଅର୍ଥାତ ୪ଜଣ ରାଣୀ ରାଜାଙ୍କ ପାଖକୁ ଆସିନଥିଲେ ତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହେଉଥିଲେ। ରାଜାଙ୍କୁ ରାଣୀ ମାନେ ଘୃଣା ଚକ୍ଷୁରେ ଦେଖୁଥିଲେ। ସବୁଠାରୁ ଦୁଃଖ ପରିତାପର ବିଷୟ ଏହିକି ରାଜାଙ୍କୁ ଠିକ ସମୟରେ ଖାଦ୍ୟ ପରିବେଷଣ କରାଯାଉନଥିଲା। ଏପରିକି ଅନେକ ଦାସୀ ରାଜଭାସରରେ ଥିଲେ ମଧ୍ୟ ସେମାନେ ରାଜାଙ୍କୁ ସେବାଯତ୍ନ କରିନଥିଲେ। ଥୁଳା ଥୁଳା ଟଙ୍କା ବାଟି ସମ୍ପତ୍ତି ଥିଲେ ମଧ୍ୟ ରାଜାଙ୍କର ଶେଷ ସମୟରେ କୌଣସି କାମରେ ଆସିନଥିଲା। ରାଜାଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା ଅନୁତାପ ନିଆଁରେ ସେ ଜଳି ଜଳି ପରିଶେଷରେ ତାଙ୍କର ଜୀବନ ଦୀପ ଲିଭିଗଲା। ଏହି ଗଳ୍ପ ଆମକୁ ଏହି ନୀତିଶିକ୍ଷା ମିଳିଲା କି ଆପଣ ଯେତେ ଧନବାନ, ଅଖଣ୍ଡ କ୍ଷମତାର ଅଧିକାରୀ, ଆପଣଙ୍କ ପାଖରେ ଥୁଳା ଥୁଳା ଟଙ୍କା ବାଡ଼ିବାଡ଼ି ସମ୍ପତ୍ତି ଥିଲେ ମଧ୍ୟ ଆପଣଙ୍କ ବିପଦ ସମୟରେ, ଦୁଃଖ ସମୟରେ ଆପଣଙ୍କ ପାଖରେ କେହି ନଥିବେ ତେଣୁ ବସ୍ତୁବାଦୀ ମନୁଷ୍ୟ ନିଜର ଆତ୍ମପରିଜନ, ବନ୍ଧୁ, ସ୍ୱାମୀ, ସ୍ତ୍ରୀ, ସନ୍ତାନ ସନ୍ତତିଙ୍କ ମାୟାରେ ନିଜର ବହୁମୂଲ୍ୟ ସମୟ ଅପଚୟ ନକରି ମହାପ୍ରଭୁ ଜାଣିଆ ସାଆନ୍ତଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୁଅନ୍ତୁ ଆପଣ ଜନ୍ମମୃତ୍ୟୁର କାଳଚକ୍ରରୁ ଉଦ୍ଧାର ପାଇପାରିବେ।

ଆଶୁତୋଷ ନାୟକ,
ଗୋପାଳପୁର ବାଲେଶ୍ୱର,
ମୋବାଇଲ -୭୦୨୦୬୧୧୩୦୦

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁଯାୟୀ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin: 769003

ଆଇଆଇଟି ଭୁବନେଶ୍ୱରରେ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣ ଏବଂ ଷ୍ଟାର୍ଟ-ଅପ ବିକାଶ ଉପରେ ଅଧିବେଶନ

ଭୁବନେଶ୍ୱର,୨୫/୪(ନି/ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର, ଏହାର ୧୦୦ କ୍ୟୁବ୍ ଉଦ୍ୟୋଗୀତା ବିକାଶ ପଦକ୍ଷେପର ଏକ ଅଂଶ ସ୍ୱରୂପ, ୨୩ ଏପ୍ରିଲ ୨୦୨୬ରେ ପ୍ରଯୁକ୍ତି ବାଣିଜ୍ୟୀକରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନର ଆୟୋଜନ କରିଥିଲା । ଏହି ଅଧିବେଶନରେ ଅଧ୍ୟାପକ, ଗବେଷକ, ନବସୃଜନକାରୀ ଏବଂ ପ୍ରତିଷ୍ଠାନର ନବସୃଜନ ଏବଂ ଇନକ୍ୟୁବେସନ୍ ଇକୋସିଷ୍ଟମର ସଦସ୍ୟମାନେ ୨୦୨୫ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ବିଜେତା ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ମାଡ୍ରାସର ପ୍ରଫେସର ମୋହନଶଙ୍କର ଶିବପ୍ରକାଶମଙ୍କ ସହିତ ଏକ ଭାବବିନିମୟ ପାଇଁ ଏକତ୍ରିତ ହୋଇଥିଲେ । ଅଧିବେଶନରେ ଶିକ୍ଷାଗତ ଗବେଷଣାକୁ ପ୍ରଭାବଶାଳୀ ପ୍ରଯୁକ୍ତି ଏବଂ ବାଣିଜ୍ୟିକ ଭାବରେ ସମ୍ଭବ ଉତ୍ପାଦରେ ପରିଣତ କରିବାର ଉପାୟ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ, ପ୍ରଫେସର ଶ୍ରୀପାଦ କର୍ମାଲକର କହିଥିଲେ ଯେ ପ୍ରତିଷ୍ଠାନର ୧୦୦ କ୍ୟୁବ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାର ୧୦୦ତମ ବର୍ଷ, ଅର୍ଥାତ୍ ୨୦୩୬ ସୁଦ୍ଧା ଅତି କମରେ ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ ଟି ଷ୍ଟାର୍ଟ-ଅପର ବିକାଶ କରିବା । ସେ ଏହି ଲକ୍ଷ୍ୟ ପାଇଁ ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ଦୁଇଟି ପ୍ରମୁଖ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ । ଏଥିରେ ଗବେଷଣା ଛାତ୍ରଙ୍କ ପାଇଁ 'ଗବେଷଣା ଏବଂ ଉଦ୍ୟୋଗ' ଉପରେ ଏକ ବାଧ୍ୟତାମୂଳକ ପାଠ୍ୟକ୍ରମ ଏବଂ ଶିଳ୍ପ-ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଅଧ୍ୟାପକ ସଦସ୍ୟଙ୍କ ପାଇଁ ସହଯୋଗ ପାଇଁ ଦୁଇଟି ଶିଳ୍ପ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଅନ୍ତର୍ଭୁକ୍ତ । ସେ ଉଲ୍ଲେଖ କରିଥିଲେ ଯେ ପ୍ରତିଷ୍ଠାନ ବର୍ତ୍ତମାନ ୧୪୦ ଟି ଷ୍ଟାର୍ଟ-ଅପକୁ ମାର୍ଗଦର୍ଶନ ଦେଉଛି, ଯେଉଁଥିରୁ ୮ଟି ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକଙ୍କ ଦ୍ୱାରା ପରିଚାଳିତ, ୧୬ଟି ଆଇଆଇଟି ଛାତ୍ରଙ୍କ ଦ୍ୱାରା ପରିଚାଳିତ ଏବଂ ବାକି ୧୦୦ରୁ ଅଧିକ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ । ପ୍ରଫେସର ମୋହନଶଙ୍କର ଆଇଆଇଟି ଭୁବନେଶ୍ୱରର ଉପରୋକ୍ତ ପ୍ରୟାସକୁ ପ୍ରଶଂସା କରିଛନ୍ତି ଏବଂ ଷ୍ଟାର୍ଟ-ଅପ୍ ଦ୍ୱାରା ଆବୃତ କ୍ଷେତ୍ରଗୁଡ଼ିକର ବିବିଧତା ଏବଂ ଏହି ପ୍ରତିଷ୍ଠାନ ବହୁ ସଂଖ୍ୟକ ଅଣ-ଆଇଆଇଟି ଉଦ୍ୟୋଗୀଙ୍କୁ ଆକର୍ଷିତ କରିଛି ବୋଲି ପ୍ରଶଂସା କରିଛନ୍ତି । ସେ ଗଭୀର-ପ୍ରଯୁକ୍ତିବିଦ୍ୟା ନବସୃଜନ, ଶିଳ୍ପ ସହଯୋଗ ଏବଂ ସଫଳ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ ନିର୍ମାଣରେ ତାଙ୍କର ବ୍ୟାପକ ଅଭିଜ୍ଞତାରୁ ଅନ୍ତର୍ଦୃଷ୍ଟି ବାଣ୍ଟିଛନ୍ତି । ଶିଳ୍ପ ସହଯୋଗର ଗୁରୁତ୍ୱକୁ ଦୃଢ଼ କରି, ସେ ଉଲ୍ଲେଖ କରିଛନ୍ତି ଯେ 'ଆପଣଙ୍କୁ ବହୁତ ଦୃଢ଼ ଶିଳ୍ପ ସଂଯୋଗ ସୃଷ୍ଟି କରିବାକୁ ପଡିବ ... ଏକ ସଂଯୋଗ ଏବଂ ସହଯୋଗ ଯେଉଁଠାରେ ଗୋଟିଏ ଅନ୍ୟକୁ ପ୍ରଭାବିତ କରେ,' ଏପରି ସହଭାଗୀତା ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣ ଇକୋସିଷ୍ଟମ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ପାରମ୍ପରିକ ଗବେଷଣା ଢାଞ୍ଚାରୁ ଆଗକୁ ବଢ଼ିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, 'ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣର ଅନେକ ପଥ ଅଛି ... ଇନକ୍ୟୁବେସନ୍ ଗୋଟିଏ ପଥ, କିନ୍ତୁ ଆବଶ୍ୟକ ନୁହେଁ ଯେ ଏକମାତ୍ର ପଥ । ଶିଳ୍ପ ସହିତ ସହ-ବିକଶିତ ଉତ୍ପାଦ ଏବଂ ଲାଇସେନ୍ସିଂ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ସମାନ ଗୁରୁତ୍ୱପୂର୍ଣ୍ଣ ପଥ ।' ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣ କଠୋର ଏବଂ ବୌଦ୍ଧିକ ଭାବରେ ଦୃଢ଼ ଗବେଷଣାରେ ମୂଳ ।

ଝାରସୁଗୁଡାରେ ମହିଳା ଆରକ୍ଷଣ ବିଲକୁ ନେଇ ବିରୋଧ ନେତାମାନଙ୍କ କୁଶପୁତଳିକା ଦାହ

ଝାରସୁଗୁଡ଼ା,୨୫/୪(ନି/ପ୍ର): ସଂସଦରେ ମହିଳା ଆରକ୍ଷଣ ବିଲକୁ ବିରୋଧ କରାଯାଇଥିବା ଅଭିଯୋଗକୁ ନେଇ ଝାରସୁଗୁଡାରେ ମହିଳା ଓ ଯୁବମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସହରର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ମୂର୍ତ୍ତି ତଳେ ଏହାକୁ ନେଇ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ପ୍ରତିବାଦ ସମୟରେ ଅଂଶଗ୍ରହଣକାରୀମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଜେଡି ଅଧ୍ୟକ୍ଷ ନବୀନ ପଟ୍ଟନାୟକ ଏବଂ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ କୁଶପୁତଳିକା ଦାହ କରିଥିଲେ ଏବଂ ସେମାନଙ୍କ ବିରୋଧରେ ନାରାବାଜି କରିଥିଲେ । ପ୍ରତିବାଦକାରୀମାନଙ୍କ କହିବା ଅନୁସାରେ, କେନ୍ଦ୍ର ସରକାର ଦ୍ୱାରା ପ୍ରସ୍ତାବିତ 'ନାରୀ ଶକ୍ତି ବନ୍ଦନା ଅଧିନିୟମ' ମାଧ୍ୟମରେ ଦେଶର ମହିଳାମାନଙ୍କୁ ନିର୍ବାଚନ ସହିତ ବିଭିନ୍ନ କ୍ଷେତ୍ରରେ ୩୩ ପ୍ରତିଶତ ଆରକ୍ଷଣ ଦେବା ଉଦ୍ଦେଶ୍ୟ ରହିଛି । କିନ୍ତୁ କିଛି ବିରୋଧୀ ଦଳ ଏହାକୁ ବିରୋଧ କରିଥିବାରୁ ମହିଳାମାନଙ୍କ ସମ୍ମାନକୁ ଆଘାତ ଲାଗିଛି ବୋଲି ସେମାନେ ଅଭିଯୋଗ କରିଥିଲେ । ପ୍ରତିବାଦରେ ଅଂଶଗ୍ରହଣ କରିଥିବା ମହିଳା ଓ ଯୁବମାନେ କହିଥିଲେ ଯେ, ଆଗାମୀ ଦିନରେ ସାରା ଦେଶର ମହିଳାମାନେ ଏହି ପ୍ରସଙ୍ଗରେ ସଠିକ୍ ଜବାବ ଦେବେ । ଏହି କାର୍ଯ୍ୟକ୍ରମରେ ରୁବି ମହାନ୍ତି, ପିଙ୍କି ଦୀପ, ସୁଇଟି ପରିଡା, ମିନତୀ ନାଇକ, ଅର୍ଚ୍ଚନା ମହାପାତ୍ର, ମିତମଣି ରଣା, ଅଂଶୁଲ ପଟେଲ, ବିବେକ ଶ୍ରୀବାସ, ଦିବ୍ୟ ସୁନାନୀ, ସୁବ୍ରତ ସରାଫ, ଶ୍ରୀୟମ ମହାପାତ୍ର, ନିକି ବରଭିୟା, ଅକ୍ଷୟ ମିଶ୍ର, ରାହୁଲ ମୁଣ୍ଡା, ମହାବୀର କଲେତ, ନବୀନ ସୁନା, ନେତ୍ରାନନ୍ଦ କିଷାନ, ପ୍ରଦୀପ ପଟେଲ, ଚନ୍ଦନ ଯାଦବ, ନିର୍ମଳ ଯାଦବ ଆଦି ଉପସ୍ଥିତ ଥିଲେ ।

ଓଡ଼ିଶା ସରକାରଙ୍କ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପଚାଂୟତିରାଜ ଦିବସ ପାଳିତ

ସେଓ୍ୱା ପକ୍ଷରୁ ଦେଶୀ ବିହନ ମେଳା ଆୟୋଜିତ

ଝାରସୁଗୁଡ଼ା,୨୫/୪(ନି/ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୋଲାବିରା ବ୍ଲକର ସେଓ୍ୱା ଅନୁଷ୍ଠାନ ତରଫରୁ ଜିଓ୍ୱା ପ୍ରୋଜେକ୍ଟ ମାଧ୍ୟମରେ ଲଇକେରା ବ୍ଲକ ଅଧୀନ ହୁଡୁକୁଡିହି ଗ୍ରାମରେ ଏକ ଦେଶୀ କିସମ ବିହନ ମେଳା ଆୟୋଜିତ ହୋଇଯାଇଛି । ଏହି ମେଳାରେ ଧାନ, ମାଣ୍ଡିଆ, ଡାଲି, ତୈଳବୀଜ ଓ ପନିପରିବା ଇତ୍ୟାଦିର ବିଭିନ୍ନ ପ୍ରକାର ଦେଶୀ କିସମର ବିହନ ପ୍ରଦର୍ଶନ କରାଯାଇଥିଲା । ବାବୁଛିପିଡିହି ଓ ଜାମମାଲ ପଂଚାୟତର ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ବିହନର ବିଶେଷତ୍ୱ, ଅମଳ କ୍ଷମତା ଓ ଜଳବାୟୁ ଅନୁକୂଳତା ବିଷୟରେ ଅବଗତ ହୋଇଥିଲେ । ମେଳାରେ ଦେଶୀ ବିହନର ସଂରକ୍ଷଣ, ବିନିମୟ ଓ ଜୈବିକ କୃଷିର ପ୍ରସାର ଉପରେ ମୁଖ୍ୟ ଆଲୋଚନା କରାଯାଇଥିଲା । ଏହି ପ୍ରୟାସ ଚାଷୀଙ୍କ ଆୟ ବୃଦ୍ଧି ସହ କୃଷି ବିବିଧତା ସଂରକ୍ଷଣରେ ସହାୟକ ହେବ ବୋଲି ସେଓ୍ୱାର ସମ୍ପାଦକ ସୁଶିଲ କୁମାର ଦାଶ ସୂଚନା ଦେଇଥିଲେ । ସେଓ୍ୱା ସମ୍ପାଦକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେଓ୍ୱା ଦ୍ୱାରା ପରିଚାଳିତ କୃଷି ଉତ୍ପାଦକ କ୍ଲଷ୍ଟର ପ୍ରୋଜେକ୍ଟ ଓ ଶ୍ରୀ ଅନ୍ନ ଅଭିଯାନର କର୍ମୀମାନେ ସହଯୋଗ କରିଥିଲେ ।

ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମିଳିତ ଭାବେ ହାତ ତିଆରି ଚିତ୍ର ଅଙ୍କନ କଲେ

ପାପଡାହାଣ୍ଡି,୨୫/୪(ନି/ପ୍ର): ପାପଡାହାଣ୍ଡି ବ୍ଲକର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ୨୧/୪/୨୦୨୬ଠାରୁ ୨୨/୪/୨୦୨୬ଦୁଇ ଦିନ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଅନୁଷ୍ଠିତ ହୋଇଥିଲା ଏଥିରେ ବିଭିନ୍ନ ବିଦ୍ୟାଳୟ ର ୩୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ଓ ଅନେକ ହାତ ତିଆରି ସାମଗ୍ରୀ ତିଆରି କରିଥିଲେ. ସେଗୁଡିକ ବହୁତ ଆକର୍ଷଣ ହୋଇଥିଲା ଏଥିରେ ଏ. ବି ଇ ଓ.-ସି ୟୁ ଏମ -ବି ଆର ସି ସି -ପୂର୍ଣ୍ଣଚନ୍ଦ୍ର ପୂଜରୀ ଙ୍କ ଦାୟତ୍ୱରେ ସି ଆର ସି ସି ପ୍ରକାଶ କୁମାର ପଣ୍ଡା ସି ଆର ସି ସି ଘାଟୁଗୁଡା ଡମ୍ବରୁ ରଣା ଏଥିରେ ଆର ପି ଭାବେ ଯୋଗ ଦେଇଥିଲେ ସି ଆର ସି ସି ପ୍ରଧାନୀଗୁଡା ଧରଣୀ କମର୍ଲା ଏବଂ ସି ଆର ସି ସି ମନୋଜ କୁମାର ମାଝୀ ଏବଂ ଆଇଭି ଜଗନ୍ନାଥ ହରିଜନ ପରିଚାଳନାରେ ସହଯୋଗ କରିଥିଲେ ।

ଛତିଶଗଡ଼ର ମନମୁଖି କାରବାର : ଶୁଖାସୋଢ଼ାରେ ଶୁଖିଗଲାଣି ମହାନଦୀ

ଝାରସୁଗୁଡ଼ା,୨୫/୪(ନି/ପ୍ର): ମହାନଦୀ ଉପରେ ଛତିଶଗଡ଼ର ମନମୁଖି କାରବାର ବର୍ତ୍ତମାନ ଓଡ଼ିଶାର ସୀମାନ୍ତ ଅଧିବାସୀଙ୍କ ପାଇଁ କାଳ ହେଲାଣି । ଓଡ଼ିଶାରେ ମହାନଦୀର ପ୍ରବେଶ ଦ୍ୱାର କୁହାଯାଉଥିବା ଶୁଖାସୋଢ଼ାରେ ନଦୀ ଶୁଖିଗଲାଣି । ଯୁଆଡ଼େ ଦେଖିଲେ ଖାଲି ମାଇଲ୍ ମାଇଲ୍ ଦୂର ବାଲିଶଯ୍ୟା । ଆଉ ଏହି ଶୁଖିଲା ନଈପଠାରେ ହଜିଯାଇଛି ଶହଶହ ପରିବାରର ପେଟପାଟଣା । ଏହି ନଦୀ ଉପରେ ନିର୍ଭରଶୀଳ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍‌ର ସୀମାନ୍ତ ଅଂଚଳର ୩ଟି ଗାଁର ଅଢ଼େଇ ଶହରୁ ଅଧିକ ମତ୍ସ୍ୟଜୀବୀ ପରିବାରର ଜୀବନ ଜୀବିକା ଏବେ ସଙ୍କଟରେ ପଡ଼ିଯାଇଛି । ସେପଟେ, ମହାନଦୀର ଉପରମୁଣ୍ଡର କଲମା ବ୍ୟାରେଜର ସବୁ ଗେଟ୍ ବନ୍ଦ ଥିବା ବେଳେ ଯାହା ବି ପାଣି ଆସୁଛି ତାହା ଶୁଖାସୋଢ଼ା ଯାଏଁ ପହଚିଂ ପାରୁନାହିଁ । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରର ଏକଚାଟିଆ ଅଧିକାର ଏବେ ଅଧା ଓଡ଼ିଶା ପାଇଁ କାଳ ହେଲାଣି । ଛତିଶଗଡ଼ ସରକାର ସେଠାକାର କଲମା ବ୍ୟାରେଜ୍ ସମେତ ସବୁ ବନ୍ଧ ଓ ବ୍ୟାରେଜ୍‌ର ସମସ୍ତ ଗେଟ୍‌କୁ ଅବରୋଧ କରି ରଖିବା ଦ୍ୱାରା ଓଡ଼ିଶା ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି । ମିଳିଥିବା ସୂଚନା ଅନୁଯାୟୀ, କଲମାର ସମସ୍ତ ୬୬ ଗେଟ୍ ବନ୍ଦ ରହିଛି । ମାତ୍ର ଗୋଟିଏ ଗେଟ୍‌କୁ ୬ ଇଚଂ ପର୍ଯ୍ୟନ୍ତ ଖୋଲା ରଖାଯାଇଥିବା ବେଳେ ସେଥିରୁ ବାହାରୁଥିବା ପାଣି ଓଡ଼ିଶା ସୀମା ଯାଏଁ ପହଚିଂ ପାରୁନାହିଁ । ଆଉ ହୀରାକୁଦକୁ ବର୍ତମାନ ଆସୁଥିବା ପାଣି ମହାନଦୀ ନୁହେଁ, ବରଂ ଇବ୍ ଓ ଭେଡ଼େନ ନଦୀରୁ କିଛିଟା ଆସୁଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଓଡ଼ିଶା ସୀମାନ୍ତର ଶୁଖାସୋଢ଼ାରୁ ଆରମ୍ଭ କରି ମହୁଲପାଲି, ଚିଖିଲି ଯାଏଁ ଯୁଆଡ଼େ ଦେଖିଲେ ମହାନଦୀରେ ଖାଲି ବାଲିଚର ହିଁ ଦେଖିବାକୁ ମିଳୁଛି । ଫଳରେ ଏହି ୩ଟି ଗାଁର ପ୍ରାୟ ୨ ଶହରୁ ଅଧିକ ମତ୍ସ୍ୟଜୀବୀ ପରିବାରର ଜୀବିକା ଠପ୍ ହୋଇଯାଇଛି । ଡଙ୍ଗାଗୁଡ଼ିକ ଶୁଖିଲା ନଈପଠାରେ ପଡ଼ିରହିଥିବା ବେଳେ ଆଜକୁ ପ୍ରାୟ ୧୫ ଦିନରୁ ଅଧିକ ହେଲାଣି ଜାଲ ପକାଇବା ବନ୍ଦ ହୋଇଯାଇଛି ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି । ଏଥିରୁ ଶୁଖାସୋଢ଼ାର ପ୍ରାୟ ୨୦ଟି ପରିବାର, ମହୁଲପାଲି ଗାଁର ପ୍ରାୟ ୧୨୦ ପରିବାର ଏବଂ ଚିଖିଲିର ପ୍ରାୟ ଶହେ ପରିବାର ମାଛ ମାରିବାରୁ ବଂଚିତ ହେଉଛନ୍ତି । ଏହି ମତ୍ସ୍ୟଜୀବୀ ପରିବାରଗୁଡ଼ିକ ୭୦ ବର୍ଷ ପୂର୍ବରୁ ହୀରାକୁଦ ବନ୍ଧ ପାଇଁ ସର୍ବସ୍ୱାନ୍ତ ହୋଇଥିବା ବେଳେ ଚାଷଜମି ବୋଲି କିଛି ନାହିଁ । ଏଭଳି ସ୍ଥିତିରେ ମତ୍ସ୍ୟଜୀବୀମାନେ ଜୀବିକା ଶୂନ୍ୟ ହୋଇଯାଇଛନ୍ତି । ଗୋଟିଏ ପଟେ, ଅବାଧ ଡୁଲୁଙ୍ଗି ଜାଲ କାରବାର ପାଇଁ ମାଛ ବଂଶ ହ୍ରାସ ପାଉଥିବା ବେଳେ ଛତିଶଗଡ଼ର ବିଭିନ୍ନ ଶିଳ୍ପସଂସ୍ଥା ସେମାନଙ୍କ ବର୍ଜ୍ୟ ତଥା ବିଷାକ୍ତ ପାଣିକୁ ହୀରାକୁଦ ଜଳଭଣ୍ଡାରରେ ଛାଡୁଥିବାରୁ ମତ୍ସ୍ୟ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ଏହି ପରିପ୍ରେକ୍ଷୀରେ ଛତିଶଗଡ଼ର ମନମୁଖି ପାଇଁ ପ୍ରାୟ ୩ ମାସରୁ ଅଧିକ ଦିନ ଧରି ଓଡ଼ିଶାର ମତ୍ସ୍ୟଜୀବୀ ରୋଜଗାରଶୂନ୍ୟ ହୋଇଯାଉଛନ୍ତି । ଏହି ପରିବାର ପାଇଁ ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଅଂଚଳବାସୀ ଦାବି କରିଛନ୍ତି ।

ବ୍ୟାଙ୍କ ଅଫ୍ ବରୋଦାର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର,୨୫/୪(ନି/ପ୍ର): ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଂଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପର୍ଣ୍ଣ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଂଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ତଥା ଆଂଚଳିକ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ସମ୍ବଲପୁର ଅଂଚଳର ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ ସଫଳତା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଓ ମୂଲ୍ୟବାନ ଅବଦାନକୁ ଉଲ୍ଲେଖ କରି ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ଅଧିକ ଉତ୍କୃଷ୍ଟ ଫଳାଫଳ କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଅଂଚଳର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ପରେ ବ୍ୟାପାରିକ ସମ୍ଭାବନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ ଭାବେ ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ ବୃଦ୍ଧି, କ୍ୟାସ୍ ସଂଗ୍ରହ, ଋଣ ପରିଚାଳନା ଓ ଏମଏସଏମଇ ବ୍ୟବସାୟର ସୁଦୃଢ଼ତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଓ ବିଜନେସ କରେସପଣ୍ଡେଂଟ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଏକ ଭିନ୍ନ ପ୍ରେରଣା ଓ ସୁସ୍ଥ ପ୍ରତିଦ୍ୱନ୍ଦ୍ୱୀର ଭାବନା ସୃଷ୍ଟି କରିଥିଲା । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ବୋଲି ପ୍ରଭଞ୍ଜନ ବୈଠାରୁଙ୍କ ସୂତ୍ରରୁ ପ୍ରକାଶ ।

ପ୍ରସନ୍ନ ପଣ୍ଡା ଛକରେ ସଡ଼କ ଦୁର୍ଘଟଣା :୨ ଯୁବକଙ୍କ ମୃତ୍ୟୁ

ଝାରସୁଗୁଡା,୨୫/୪(ନି/ପ୍ର): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ପ୍ରସନ୍ନ ପଣ୍ଡା ଛକରେ ଗତକାଲିବିଳମ୍ବିତ ରାତିରେ ଏକ ମର୍ମାନ୍ତିକ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ପୁଲିସ ସୂଚନା ଅନୁଯାୟୀ, ମୃତକ ଦୁଇଜଣ କୋଲାବିରା ଅଂଚଳର ପରମାନପୁର ଗ୍ରାମର ନରେଶ କିଶନ (୨୩) ଓ ଦୟାନିଧି ସାଗର (୩୬) ବୋଲିପରିଚୟ ମିଳିଛି । ସେମାନେ ଏକେ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ଘଟଣା ସମ୍ପର୍କରେ ମିଳିଥିବା ସୂଚନା ମୁତାବକ, ସେମାନେ ରାସ୍ତାରେ ଯାଉଥିବା ଏକ ଟ୍ରେଲରକୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ ବାଇକ୍‌ର ହାଣ୍ଡଲ୍ ଟ୍ରେଲରକୁ ସ୍ପର୍ଶ କରିଥିବାରୁ ଦୁଇଜଣ ଭାରସାମ୍ୟ ହରାଇ ଟ୍ରେଲରର ଚକା ତଳେ ପଡ଼ିଯାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସଦର ଥାନା ପୁଲିସ ତତ୍କ୍ଷଣାତ୍ ଘଟଣାସ୍ଥଳକୁ ପହଚିଂ ଦୁଇ ମୃତଦେହକୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ସଦର ଥାନାଧିକାରୀ ସ୍ୱପ୍ନା ରାଣୀ ଗୋଛାୟତ ସୂଚନା ଦେଇଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

ମହିଳା ବିରୋଧୀ ମାନସିକତାଧାରୀଙ୍କୁ ଜବାବ ଦେବେ ଦେଶର ନାରୀଶକ୍ତି : ଅପରାଜିତା

ସମ୍ବଲପୁର,୨୫/୪(ନି/ପ୍ର): ରାଜ୍ୟ ବିଜେପି ଦଳର ବରିଷ୍ଠ ନାରୀନେତ୍ରୀ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ବଲପୁର ଗସ୍ତରେ ଆସି ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ବର୍ତ୍ତମାନ ସମାଜର ସ୍ଥିତି, ରାଜ୍ୟ ଓ ଦେଶର ବିକାଶ ମଧ୍ୟରେ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଦେଶର ରାଜନୈତିକ ପଟ୍ଟଚିତ୍ରର ବିଶ୍ଳେଷଣ କରି ବିଭିନ୍ନ ଦିଗକୁ ଲୋକଲୋଚନକୁ ଆଣିବା ପରେ ବର୍ତ୍ତମାନର ସ୍ଥିତି ଅବତାରଣା କରିଥିଲେ । ସଂସଦରେ ସମ୍ବିଧାନ ସଂଶୋଧନ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିବା ଘଟଣାକୁ ନେଇ କଂଗ୍ରେସ, ଟିଏମସି, ଡିଏମକେ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକୁ ବିଜେପି ତୀବ୍ର ସମାଲୋଚନା କରିଛି । ବିରୋଧୀଙ୍କ ଏଭଳି ଆଭିମୁଖ୍ୟ ସେମାନଙ୍କର ମହିଳା ବିରୋଧୀ ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ବିଜେପି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ସମାନ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର । ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କୁ ସଂସଦ ଓ ବିଧାନସଭାରୁ ଦୂରେଇ ରଖିବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଥିଲା, ତାହା ଏହି ବିଲ୍ ଆଲୋଚନା ସମୟରେ ପଦାରେ ପଡ଼ିଛି । ବିରୋଧୀ ଦଳଗୁଡ଼ିକ କେବଳ ସୀମା ନିର୍ଦ୍ଧାରଣକୁ ବାହାନା କରି ମହିଳା ସଂରକ୍ଷଣ ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ ମଧ୍ୟ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିରୋଧୀଙ୍କ ମିଥ୍ୟା ପ୍ରଚାରର କଡ଼ା ଜବାବ ଦେଇ କହିଛନ୍ତି, ଯେ ସୀମା ନିର୍ଦ୍ଧାରଣ ଦ୍ୱାରା ଦକ୍ଷିଣ ଭାରତର କୌଣସି କ୍ଷତି ହେବ ନାହିଁ, ବରଂ ଆନୁପାତିକ ପ୍ରତିନିଧିତ୍ୱ ସଂଖ୍ୟା ବୃଦ୍ଧି ପାଇବା ସହ ଅଧିକ ସୁରକ୍ଷିତ ହୋଇପାରିବ । ଅନ୍ୟପଟେ ସମାଜବାଦୀ ଭଳି ଦଳଗୁଡ଼ିକ କୋଟା ଓ ଧର୍ମଭିତ୍ତିକ ସଂରକ୍ଷଣର ଅସାମ୍ବିଧାନିକ ଦାବି ଉପସ୍ଥାପନ କରି ପ୍ରସଙ୍ଗକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରୁଥିବା ମଧ୍ୟ ବିଜେପି କହିଛି । ଏହିଭଳି ବାତାବରଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ଦେଶର ମହିଳାମାନେ ଆଉ କେବଳ ନୀରବଦ୍ରଷ୍ଟା ସାଜିବେହ ନାହିଁ, ସେମାନେ ଏବେ ବେଶ୍ ସକ୍ରିୟ ସହଭାଗୀ ଏବଂ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ମଧ୍ୟ ଶକ୍ତି ରଖିଛନ୍ତି । ଗଣତନ୍ତ୍ରକୁ ସୁଦୃଢ଼ ରଖିବା ପାଇଁ ମହିଳା ସଶକ୍ତିକରଣକୁ ବିଜେପି ସର୍ବାଧିକ ଗୁରୁତ୍ୱ ଦେଇଛି ଓ ଆଗାମୀ ଦିନରେ ଦେବ ବୋଲି ଦଳ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଆଜି ପ୍ରତ୍ୟୁଷରେ ଟ୍ରେନ୍ ଯୋଗେ ଶ୍ରୀମତୀ ଷଡ଼ଙ୍ଗୀ ସମ୍ବଲପୁର ଷ୍ଟେସନରେ ପହଂଚିବା ପରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ଫୁଲତୋଡ଼ା ପ୍ରଦାନ ପୂର୍ବକ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ପରେ ପରେ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀମାନେ ପାଛୋଟି ନେଇଥିଲେ । ଆଜିର କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମାଁ'ଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବ

ଭଦ୍ରକ,୨୫/୪(ନି/ପ୍ର): ଜୟ ଜଗନ୍ନାଥ ସେବା ସମିତି ନରେଲା ପକ୍ଷରୁ ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜୀବ କଲୋନୀ ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଏହି ଧାର୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମହିଳା ମାନଙ୍କ ଦ୍ୱାରା ୨୫୦ ର ବିଶାଳ କଳସ ଶୋଭାଯାତ୍ରା ବାହାରି ଥିଲା । ପଣ୍ଡିତଙ୍କ ଦ୍ୱାରା ରିତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ କାଉଁସିଲର ନେହା ମିଶ୍ରଙ୍କ ଗାରିମା ମୟ ଉପସ୍ଥିତରେ କଳସ ଯାତ୍ରା ଭୂମି ପୂଜନ ଓ ମନ୍ଦିରର ଶିଳାନ୍ୟାସ କରାଯାଇଥିଲା । ଉକ୍ତ ଉତ୍ସବରେ ଓଡିଶା ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ,

ଆମ୍‌କୋ-ସିମ୍‌କୋ ଶହୀଦ ସ୍ମାରକୀ କମିଟି ପକ୍ଷରୁ ୪୯ ଜଣ ଶହୀଦଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ

ବେଦବ୍ୟାସ ଛକରେ ଖୁବ ଶୀଘ୍ର ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀ ସ୍ଥାପିତ ହେବ

ରାଉରକେଲା,୨୫/୪(ନି/ପ୍ର): ଆମ୍‌କୋ-ସିମ୍‌କୋରେ ବ୍ରିଟିସ ଗୁଳିରେ ଶହୀଦ ହୋଇଥିବା ୪୯ ଜଣ ନିରିହ ଆଦିବାସୀଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ୮୮ ତମ ଶହୀଦ ଦିବସରେ ପାନପୋଷ ଉପଜିଲ୍ଲାପାଳ ତଥା ଆମ୍‌କୋ-ସିମ୍‌କୋ ଶହୀଦ ସ୍ମାରକୀ କମିଟିର ଅଧ୍ୟକ୍ଷ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣମରା ସମାଧି ପୀଠ ଓ ଆମ୍‌କୋ-ସିମ୍‌କୋର ଶହୀଦ ପୀଠରେ ଭକ୍ତିପୁତ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ଏହି ପରିପେକ୍ଷୀରେ ଶ୍ରୀ ନାୟକ କହିଲେ ଯେ ଖୁଂଟକାଟୀ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ୧୯୩୯ ମସିହାରେ ବ୍ରିଟିସ ଗୁଳୀରେ ଶହୀଦ ହୋଇଥିବା ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ସ୍ମରଣୀୟ । ରାଜ୍ୟସରକାର ଆମ୍‌କୋ-ସିମ୍‌କୋକୁ ପର୍ଯ୍ୟଟନ ସ୍ଥଳୀରୁପେ ଘୋଷଣା କରିବା ସହ ଶହୀଦଙ୍କ ଉଦେଶ୍ୟରେ ଜାଲିୟାନାୱାଲା ବାଗ ଢାଂଚାରେ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ କରିଛନ୍ତି । ଆମ୍‌କୋ-ସିମ୍‌କୋର ସମସ୍ତ ପ୍ରଗତୀ ମୂଳକ କାର୍ଯ୍ୟ ଚାଲିଛି ଏବଂ ଖୁବ ଶିଘ୍ର ଉଦ୍‌ଘାଟନ କରାଯିବ ବୋଲି କହିଥିଲେ । ଏହା ଦ୍ୱାରା ଆଗାମି ଦିନରେ ସୁନ୍ଦରଗଡ ଜିଲ୍ଲା ଓଡିଶା ମାନଚିତ୍ରରେ ଆଉ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ । ଆମ୍‌କୋ-ସିମ୍‌କୋ ଶହୀଦ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ସ୍ମାରକୀ କମିଟିର ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡା ଓ ୪୯ ଜଣ ନିରିହ ଆଦାବାସୀଙ୍କ ପ୍ରାଣବଳୀ ସଂପର୍କରେ ଆଲୋକପାତ କରିଥିଲେ । ଶ୍ରୀ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମାରକୀ କମିଟିର ଉପାଦ୍ଧକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ କହିଲେ ଯେ ଆଜିକୁ ୮୮ବର୍ଷ ତଳେ ଅର୍ଥାତ ୧୯୩୯ ମସିହାର ଆଜିର ଦିନରେ ବ୍ରିଟିଶ ଗୁଳିରେ ପ୍ରାଣବଳୀ ଦେଇ ଶହୀଦ ହୋଇଥିବା ୪୯ ଜଣ ଆଦିବାସୀଙ୍କ ରକ୍ତ ରଂଜିତଏହି କ୍ଷେତ୍ର ସେମାନଙ୍କ ବିରତ୍ୱ ଓ ସଂଗ୍ରାମ କଥା ମନେ ପକାଉଛି । ସାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ଦୃଢ ନେତୃତ୍ୱ ହିଁ ସେତେବେଳେ ବ୍ରିଟିସ ମାନଙ୍କ ନିଦ ହଜେଇ ଦେଇଥିଲା । ଖୁଂଟ୍‌କାଟି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସେମାନଙ୍କ ବଳିଦାନ ଆଜି ଆଦିବାସୀ ସଂପ୍ରଦାୟଙ୍କୁ ସେମାନଙ୍କ ତ୍ୟାଗପୁତ ଜୀବନ ବିଷୟରେ ସ୍ମରଣ କରାଉଛି । । ଏତ୍‌ତବ୍ୟତୀତ ବେଦବ୍ୟାସ ଛକରେ ନିର୍ମଳମୁଣ୍ଡାଙ୍କ ୧୦ ଫୁଟ ଉଚ୍ଚର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତୀ ଖୁବ ଶିଘ୍ର ସ୍ଥାପନ କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍‌ଘାଟିତ ହେବାକୁ ସ୍ୱିରିକୃତ ହୋଇଛି ବୋଲି କହିଥିଲେ । ଏହି ଅବସରରେ ପୁର୍ବତନ ବିଧାୟକ ଶଙ୍କର ଓରାମ ହାଲୁ ମୁଣ୍ଡାରି, ଜିଲ୍ଲା ପରିଷଦର ପୁର୍ବତନ ଅଧ୍ୱକ୍ଷା ଏମ୍ମା ଏକ୍କା,ବିରମିତ୍ରପୁର ପୌରପାଳିକାର ଅଧ୍ୱକ୍ଷ ସନ୍ଦୀପ ମିଶ୍ର, ଉପାଦ୍ଧକ୍ଷା ନିବେଦିତା ବାଗ, କୁଆଁରମୁଣ୍ଡା ବ୍ଲକ ଅଧ୍ୱକ୍ଷା ଜ୍ୟୋତି କେରେକେଟା. ପାନପୋଷ ପିଏ.ଆଇଟିଡିଏ ବିକ୍ରଣୀ କିସପଟ୍ଟା, ବିରମିତ୍ରପୁର ତହସିଲଦାର ଗୌରୀ ନାୟକ, ବିରମିତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ୟାସିର ଅହମ୍ମଦ କୁଆଁରମୁଣ୍ଡା ବିଡିଓ ଡା.ଜଗଦ୍ୱିଶ ମହାନନ୍ଦିଆ, ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ଓ ନେଭିନ କେରେକେଟା, ପୁର୍ବତନ ଉପାଦ୍ଧକ୍ଷ ଏସ.ଏସ.ସାହୁ, ପୁର୍ବତନ ପୁଲିସ ଅତିରିକ୍ତ ଏସ.ପି ସୁମନ ଦତ, ବିରମିତ୍ରପୁର ଏସଡିପିଓ, ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପର୍ତ୍ତୁର୍ବତନ ଅଧ୍ୱକ୍ଷ ଡ.ଭବାନୀ ଶଙ୍କର ଚାଣ୍ଡେଲ, ଫ୍ଲାବିଆନୁସ ଏକ୍କା ପ୍ରମୁଖ ଶହୀଦ ପୀଠରେ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ଏହା ପୂର୍ବରୁ ବ୍ରାହ୍ମଣମରା ଶହୀଦ ସମାଧି ସ୍ଥଳରେ ପାନପୋଷ ଉପଜିଲ୍ଲାପାଳ ତଥା ଶହୀଦ ସ୍ମାରକୀ କମିଟିର ଅଧ୍ୱକ୍ଷ ଶ୍ରୀ ନାୟକ ଓ ଉପାଧ୍ୟକ୍ଷ ପ୍ରଫେସର ଟପ୍ପୋ ଶ୍ରଦ୍ଧାଂଜଳୀ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବିରମିତ୍ରପୁର ପୌରପାଳିକାର ଅଧ୍ୱକ୍ଷ ସନ୍ଦୀପ ମିଶ୍ର ଯୋଗଦେଇ ଶହୀଦ ସମାଧି ସ୍ଥଳର ସୌନ୍ଦର୍ଯୀ କରଣ ସହ ଆନୁସଙ୍ଗିକବ୍ୟବସ୍ଥା ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ଏବଂ ପୌରପାଳିକା ଦ୍ୱାରା ପ୍ରସ୍ତୁତ ଏକ ଆବାସିକ ସ୍ଥଳୀକୁ ନିର୍ମଳ ମୁଣ୍ଡାଙ୍କ ନାମରେ ନାମିତ କରାଯିବ ବୋଲି ଘୋଷଣା କରିଥିଲେ । ଏହିଅବସରରେ ବିଭିନ୍ନ ଗଣ ମାଦ୍ଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଶହୀଦ ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶହୀଦଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ସର୍ବଧର୍ମ ପ୍ରାର୍ଥନା ମନଜିତ ସିଂହ, ଗୁଲାମ ଅହମ୍ମଦ, ତପନ ଦାଶ ଓ ସୁନିଲ ବାଗେଙ୍କ ଦ୍ୱାରା କରାଯାଇଥିଲା । ବିରମିତ୍ରପୁର ପୌରପାଳିକାର ହେମନ୍ତ କୁମାର ତିୱାରୀ, ବିଜୟ ରଂଜନ ଚଣ୍ଡେଲ, ବିଦ୍ୟୁତ କୁମାର ଦାସ, ସୁବ୍ରତ କୁମାର ପଟ୍ଟନାୟକ ପୂର୍ଣ୍ଣ ସହଯୋଗ କରିଥିଲେ ।

ସାଇନିଂ ରକର୍ସ ଏକାଡ଼େମୀର ଦଶମ ବାର୍ଷିକ ଉତ୍ସବ

ରାଉରକେଲା,୨୫/୪(ନି/ପ୍ର): ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ ପରିସରରେ ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦ ପକ୍ଷରୁ ସାଇନିଂ ରକର୍ସ ଏକଡ଼େମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୀନା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦ୍ୟୋଗପତି ପ୍ରଫୁଲ୍ଲ ସୁନ୍ୟାନୀ, ମିନତୀ ସୁନ୍ୟାନୀ ରାଉରକେଲା ଚାମ୍ବର ଅଫ କମର୍ସର ପ୍ରାକ୍ତନ ସଭାପତି ସୁନୀଲ କାୟାଲ, ସମାଜସେବୀ କମଳ ଅଗ୍ରୱାଲ, ଅନୀଲ ଅଗ୍ରୱାଲ,ଜିତେନ୍ଦ୍ର ପ୍ରସାଦ, ସୁଷମା ପ୍ରସାଦ ଓ ମହେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ନୃତ୍ୟ ପରିବେଷଣ, ଆକର୍ଷଣୀୟ ରନୱେ ମଡେଲିଂ ଏବଂ ଉଦୀୟମାନ ପ୍ରତିଭାମାନଙ୍କୁ ନେଇ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ପ୍ରତିଯୋଗିତାରେ ମିଷ୍ଟ୍ରେସ ଓଡ଼ିଶା ୨୦୨୬ ଭାବେ ଚିନ୍ମୟୀ ପତି ବିଜୟୀ ହୋଇଥିବା ବେଳେ ବାଳିକା ବିଭାଗ ଜୁନିଅର ବିଭାଗରେ ଜି ଅଂଶୁମାଳା ବିଜେତା ହୋଇଥିଲେ । ସେହିପରି ମିସ ୨୦୨୬ ବିଭାଗର ବିଜେତା ଭାବେ ଏମ ପ୍ରୟାଶି ଓ ମିଷ୍ଟର ୨୦୨୬ ବିଭାଗରେ ବିବେକାନନ୍ଦ ସାହୁ ବିଜେତା ହୋଇଥିଲେ । ସବଜୁନିଅର ବାଳିକା ବିଭାଗରେ ଅଙ୍କିତା ସାହୁ ଓ ସବଜୁନିଅର ବାଳକ ବିଭାଗରେ ସାଇ ମିଶ୍ର ବିଜେତା ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶୁଭଜିତ ପଣ୍ଡା ପରିଚାଳନା କରୁଥିଲା ବେଳେ ସୁଶ୍ରୀ ତର୍ନିସା ଅଗ୍ରୱାଲ ଓ ଅନୀତା ମଣ୍ଡଳଦାସ ବିଚାରକ ଭାବେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବବିତା ମହାରଣା, ନତ୍ୟାଞ୍ଜଳୀ ପରିଡ଼ା, ଚିନୁ ରାଉତ, କଲ୍ୟାଣୀ ଦାସ, ବର୍ଣ୍ଣାଳୀ ରାଉତ,ସୋନୁ ମୁଖାର୍ଜୀ, ସୁନୀଲ କୁମାର ସୋନି, ମୁରଲୀ ମୋହନ ପଟ୍ଟନାୟକ, ଦୀପ ହଜରା, ପପାୟା ମୁଖାର୍ଜୀ, ପ୍ରବୀଣ ଚାୱ୍‌ଡ଼ା ପ୍ରମୁଖ ସହଯୋଗ କରିଥିଲେ ।

୩ଟି ସଙ୍ଗୀତ ଭିଡିଓ ଆଲବମ୍ ପାଇଁ ଏପ୍ରିଲ୍ ୨୬ ତାରିଖରେ ଫେମ୍ ଫିଲ୍ମ ଇନଷ୍ଟିଚ୍ୟୁଟ ପକ୍ଷରୁ ଅଡିସନ୍

ରାଉରକେଲା,୨୫/୪(ନି/ପ୍ର): ତିନୋଟି ସଙ୍ଗୀତ ଭିଡିଓ ଆଲବମ୍ ପାଇଁ ଏପ୍ରିଲ ୨୬ ତାରିଖ ରବିବାର ଦିନ ଫେମ୍ ଫିଲ୍ମ ଇନଷ୍ଟିଚ୍ୟୁଟ ପକ୍ଷରୁ ଛେଣ୍ଡ କଳିଙ୍ଗବିହାର ବର୍ଷା ଏଂଟରଟେନମେଂଟ ଏଣ୍ଡ ଷ୍ଟୁଡିଓରେ ଅଡିସନ୍ ହେବ ବୋଲି ଆଜି ସେକ୍ଟର-୩ ଫେମ୍ ଫିଲ୍ମ ଇନଷ୍ଟିଚ୍ୟୁଟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ତିନୋଟି ସଙ୍ଗୀତ ଭିଡିଓ ଆଲବମ୍‌ମଧ୍ୟରେ ରହିଛି 'ତୁ ଅଛୁ ମୋ ଭାଗ୍ୟରେ', 'ସତ କହରେ ଝିଟିପିଟି' ଏବଂ 'ଏ ପ୍ରେମ ନୁହଁ ମୋର' । ଫେମ୍ ଫିଲ୍ମ ଇନଷ୍ଟିଚ୍ୟୁଟ ଓଡିଶାର ନାମୀଦାମୀ କଳାକାରମାନଙ୍କୁ ନେଇ ସଙ୍ଗୀତ ଭିଡିଓ ଆଲବମ୍ ତିଆରି କରୁଥିଲା ବେଳେ, ଏହି ତିନୋଟି ସଙ୍ଗୀତ ଭିଡିଓ ଆଲବମ୍ ପାଇଁ ରାଉରକେଲାରୁ ନୂତନ ନାରୀ କଳାକାରଙ୍କୁ ସ୍ଥାନ ଦେବାକୁ ଅଡିସନ୍ ପାଇଁ ନିଷ୍ପତି ନିଆଯାଇଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।

ସ୍ୱସ୍ତି ଝଙ୍କାର ନାଟକ ମହୋତ୍ସବ

ପଚଂମ ସନ୍ଧ୍ୟାରେ ମଚଂସ୍ଥ ହେଲା ନାଟକ 'ଅନନ୍ୟ'

ରାଉରକେଲା,୨୫/୪(ନି/ପ୍ର): ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବର ପଚଂମ ସନ୍ଧ୍ୟାରେ ଆଜି ସମ୍ବଲପୁରର କ.ଖ.ଗ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଅନନ୍ୟ'ମଚଂସ୍ଥ ହୋଇଥିଲା । ନାଟ୍ୟକାର ବ୍ରଜେନ୍ଦ୍ର ନାୟକ ନାଟକ ରଚନା, ନିର୍ଦ୍ଦେଶନା ଓ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ସଞ୍ଜୟ ମିଶ୍ର ମଚଂସଜ୍ଜା କରିଥିବା ବେଳେ ଆଲୋକ ସଜ୍ଜା କରିଥିଲେ ସିଦ୍ଧାର୍ଥ ହୋତା । ସୌମେନ୍ଦ୍ର ପୂଜାରୀ, ମିନାକ୍ଷୀ ସୁପକାର ଓ ମନୋଜ ବେହେରା ପ୍ରମୁଖ ସୁନ୍ଦର ଅଭିନୟ କରିଥିଲେ । ନାଟକଟି ସାମ୍ପ୍ରତିକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ବିଭିନ୍ନ ସମସ୍ୟା ଉପରେ ଆଧାରିତ ଥିଲା । କାର୍ଯ୍ୟକ୍ରମକୁ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଭାସ୍କର ଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ । ମୁଖ୍ୟ ଦର୍ଶକ ଭାବେ ଶିକ୍ଷାବିତ ଇଂ ଆଲୋକ ରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ । ଅନୁଷ୍ଠାନର ଉପ ସଭାପତି ଡ଼ ଅଜୟ ମିଶ୍ର ସ୍ୱାଗତ ଭାଷଣ ସହ ଅଧ୍ୟକ୍ଷତା କରିଥିଲେ । ଅଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ କାର୍ଯ୍ୟକ୍ରମ କୁ ନିରୁପମା ପତି ସଂଚାଳନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥି, କଲ୍ୟାଣୀ ଦାସ, ରୁନୁ ବେକ, କନକ ଲତା ଦାସ, ପ୍ରଜ୍ଞାନନ୍ଦ ମହାନ୍ତି, ଆଲୋକ ବୋଷ, ସରୋଜ କାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜ ସେବୀ ଛଗନ ଲାଲ ଜୈନ ଙ୍କୁ ମାତାଞ୍ଜଳି ସ୍ମୃତି ସେବା ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ୪୬ତମ ଜନ୍ମଦିନ

ରାଉରକେଲା,୨୫/୪: ତଲସରା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପବାଚସ୍ପତିଭବାନୀ ଶଙ୍କର ଭୋଇଙ୍କ ୪୬ତମ ଜନ୍ମଦିନ ଅବସରରେ ଆଜି ସମଗ୍ର ଜିଲ୍ଲାରେ ସେବାଭିନ୍ନିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ଏହି ସେବାଭିନ୍ନିକ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ରାଉରକେଲା ସରକାରୀ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ବିଜେପି ଯୁବନେତା ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ବିଜେପି ଜିଲ୍ଲା ସଭାପତିପୂର୍ଣ୍ଣିମା କେରକେଟ୍ଟା ଉଦ୍ଘାଟନ କରିଥିଲେ ।ଏହି ଅବସରରେ ସୁଭାଷ ବର୍ମା, ବୀରେନ ପତି, ନୀରଜ ଚତୁର୍ବେଦୀ ଏବଂ ଗୁରିନ୍ଦର ସିଂହଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଏହି ରକ୍ତଦାନ ଶିବିରରେ ଉପସ୍ଥିତ ଥିଲେ ଏବଂ ରକ୍ତଦାତାଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ବିଧାୟକ ତଥା ଉପବାଚସ୍ପତିଭବାନୀ ଶଙ୍କର ଭୋଇଙ୍କ ଜନ୍ମଦିନ ପାଳନ ଅବସରରେ ୪୫ରୁ ଅଧିକ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ ।ଅନ୍ୟ ଏକ ପୃଥକ ପଦକ୍ଷେପ ସ୍ୱରୂପ, ବିଜେପି ଯୁବ ସଦସ୍ୟମାନେ ବେଦବ୍ୟାସ ଗୁରୁକୂଳ ଆଶ୍ରମରେ ଏକ ମହାରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରିଥିଲେ । ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ଉପାଧ୍ୟକ୍ଷ ଲତିକା ପଟ୍ଟନାୟକ, ବରିଷ୍ଠ ନେତା ଶଙ୍କର ପୂଜାରୀ ଏବଂ ଦୋଳ ଗୋବିନ୍ଦ ଦାସ, ଗୁରିନ୍ଦର ସିଂହ ଏବଂ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।

ଦାରୁବ୍ରହ୍ମ ଟ୍ରଷ୍ଟ ପକ୍ଷରୁ ଜଳ ବିତରଣ

କେନ୍ଦ୍ରାପଡ଼ା, ୨୫/୪(ନି/ପ୍ର): ଦାରୁବ୍ରହ୍ମ ଚାରିଟେବଲ ଟ୍ରଷ୍ଟ ଏବଂ ମୃର୍ତ୍ତିକା ସରକ୍ଷଣ ବିଭାଗ ପକ୍ଷରୁ ପାନୀୟ ଜଳ ବିତରଣ । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପୁରୁଣା ଦୁହୁରିଆ ଠାରେ ଥିବା ମୃର୍ତ୍ତିକା ସରକ୍ଷଣ ବିଭାଗ ଏବଂ ଦାରୁବ୍ରହ୍ମ ଚାରିଟେବଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପ୍ରବଳ ଗ୍ରୀଷ୍ମ ତାପକୁ ଆଖି ଆଗରେ ରଖି ଏକ ମେଗା ଜଳଛତ୍ର ଓ ପାନୀୟ ଜଳ ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏଡି.ଏସ.ସି ନିର୍ମଳ କୁମାର ଜେନା କେନ୍ଦ୍ରାପଡ଼ା, ଏ.ଏ.ଇ ନିହାରିକା ସାହୁ, ଏସ.ସି. ଆର.ଓ. ଶ୍ରୀମନ୍ତ କେଶରୀ ସ୍ୱାଇଁ ଗରଦପୁର ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ଫିତାକାଟି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଟ୍ରଷ୍ଟର ସଭାପତି ଅସିତ ଅଂଶୁମାନ ସାମଲ, ସମ୍ପାଦକ ଜ୍ଞାନ ପ୍ରକାଶ ଦାଶ, ଦିବ୍ୟରଞ୍ଜନ ପଣ୍ଡା, ତିରୁପତି ସାହାଣୀ, ସ୍ମୃତିରଞ୍ଜନ ଜେନା ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ରାସ୍ତାରେ ଶହ ଶହ ଗାଡି ମୋଟରେ ଯାତାୟାତ କରୁଥିବା ପଥଚାରିମାନଙ୍କୁ ବାଟରେ ଅଟକାଇ ଲେମ୍ବୁ ଓ ଦହି ସର୍ବତ ପ୍ରଭୃତି ପାନୀୟ ଜଳ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଟିକା ସମୟରୁ ଆରମ୍ଭ କରାଯାଇ ଅପରାହ୍ନ ୪ ଘଟିକା ସମୟରେ ସମାପ୍ତ ହୋଇଥିଲା ।

ରାମ ମନ୍ଦିର ଓ ଗଣେଷ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୨୫/୪(ନି/ପ୍ର): ସେକ୍ଟର-୧୫ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ପୂଜା ପାଉଥିବା ସେକ୍ଟର ଅଂଚଳର ଏକମାତ୍ର ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସମସ୍ତ ବିଧିବିଧାନ ମଧ୍ୟରେ ପାଳିତ ହୋଇଯାଇଛି । ଆଜି ସକାଳୁ ମନ୍ଦିରର ମୁଖ୍ୟ ପୂଜକ ଗୁରୁ ଚରଣ ନନ୍ଦ ସମସ୍ତ ପୂଜା ପାଠ ଶେଷ କରି ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ନୈବେଦ୍ୟ ଅର୍ପଣ କରି ଆଳତୀ କରିଥିଲେ । ଆଖପାଖ ଅଂଚଳର ବହୁ ଶୁଭେଚ୍ଛୁ, ଭକ୍ତ ଓ ମନ୍ଦିରର କର୍ମକର୍ତ୍ତା ଅଂଶ ଗ୍ରହଣ କରି ପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ପ୍ରଭୁଙ୍କ ନିକଟରେ ହୋମ କରାଯାଇଥିଲା ଏବଂ ସମାଜର ମଙ୍ଗଳ ନିମନ୍ତେ ସମସ୍ତ କର୍ମକର୍ତ୍ତା ହୋମରେ ଘିଅ ଅର୍ପଣ କରିଥିଲେ । ଶଂଖ, ହୁଳହୁଳି ଓ ହରିବୋଲ ଧ୍ୱନୀରେ ପ୍ରଭଙ୍କ ମଦ୍ଧ୍ୱାହ୍ନ ଆଳତୀ ସଂପର୍ଣ୍ଣ ହୋଇଥିଲା । ରାମ ମନ୍ଦିରର କର୍ତ୍ତା ଜୟନ୍ତିଦାସ ଓ ଗଣେଷ ମନ୍ଦିରର କର୍ତ୍ତା ଭାବେ ଅମର ପ୍ରଧାନ ଓ ତାଙ୍କ ସହ ଧର୍ମଣୀ ସମସ୍ତ ପୂଜା କାର୍ଯ୍ୟ କରିଥିଲେ । ପୂଜକ ଭାବେ ତ୍ରିଲୋଚନ ଦାଶ ଓ ବିକ୍ରମ୍ ପୂଜା କାର୍ଯ୍ୟ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ଉତମ ସାମଲ, କାର୍ଯ୍ୟକାରୀ ସଭାନେତ୍ରୀ ଜୟନ୍ତି ଦାସ, ଉପସଭାପତି ଦିଲିପ କୁମାର ସାହୁ, ଲୋକସଂପର୍କସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ, ବରିଷ୍ଠ ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, କପିଳେଶ୍ୱର ମିଶ୍ର, ଅନନ୍ତ ସାମଲ, ପୁରୁଷୋତମ ବେହେରା, ଧବଳେଶ୍ୱର ବିଶ୍ୱାଳ, ନିତ୍ୟାନନ୍ଦ ଜେନା, ନାରାୟଣ ସାମଲ ନିଳିମା ବେହେରା, ରେଖା କୋଠାରୀ, ଗୀତାଂଜଳୀ ସାମଲ, କସ୍ତୁରୀ ସାମଲ, ସସ୍ମିତା ସାହୁ, ସସ୍ମିତା ଜେନା, ସୌଦାମିନୀ ସାହୁ, ମେଘମାଳା ସ୍ୱାଇଁ, ପ୍ରମିଳା ରଣା ପ୍ରମୁଖ ନିଜ ନିଜ କାର୍ଯ୍ୟ ନିଷ୍ଠାର ସହ ନିର୍ବାହ କରିଥିଲେ ।

ପୁରୀ ଏସପିଙ୍କ ରଥଖଳା ପରିଦର୍ଶନ

ପୁରୀ,୨୫/୪(ନି/ପ୍ର): ରଥଯାତ୍ରା ୨୦୨୬ ପାଇଁ ପ୍ରସ୍ତୁତି ଜୋରଦାର ଭାବେ ଚାଲିଥିବା ବେଳେ ଶୁକ୍ରବାର ପୁରୀ ଏସପି ପ୍ରତୀକ ସିଂଙ୍କ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଏସପି ଶ୍ରୀ ସିଂ ରଥ ନିର୍ମାଣ କାର୍ଯ୍ୟର ସେବକମାନଙ୍କ ସହ ଆଲୋଚନା କରିଥିଲେ । ଏଥି ସହ ରଥଖଳା ପରିସରରେ ଏକ ବିଶେଷ କଂଟ୍ରୋଲ ରୁମ ସ୍ଥାପନ କରାଯାଇଛି ।

ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦନରେ ପ୍ରମୁଖ ସଫଳତା ହାସଲ

ରାଉରକେଲା,୨୫/୪(ନି/ପ୍ର): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ)ର ଏକ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ପ୍ରତିରକ୍ଷା, ଶକ୍ତି, ଅଟୋମୋଟିଭ୍ ଏବଂ ବୈଦ୍ୟୁତିକ କ୍ଷେତ୍ର ପାଇଁ ଉଚ୍ଚ-ମୂଲ୍ୟ ବିଶିଷ୍ଟ ସ୍ୱତନ୍ତ୍ର ଇସ୍ପାତର ସଫଳ ପରୀକ୍ଷଣ ଏବଂ ଉତ୍ପାଦନ ସହିତ ଉତ୍ପାଦ ବିକାଶରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅତିକ୍ରମ କରିଛି । ଏହାର ପ୍ରମୁଖ ସଫଳତା ମଧ୍ୟରେ ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨)ରେ ଆରଏଚଓବି ପ୍ରକ୍ରିୟା ମାଧ୍ୟମରେ ଡିଏମଆର ୨୪୯ଏ ଏଚଆର ପ୍ଲେଟ୍‌ଗୁଡ଼ିକର ସଫଳ ପରୀକ୍ଷଣ ଅନ୍ତର୍ଭୁକ୍ତ, ଯାହାକି ଉତ୍କୃଷ୍ଟ ଶକ୍ତି ଏବଂ କଠିନତା ସହିତ ନୌସେନା ପ୍ରୟୋଗ ପାଇଁ ପ୍ରସ୍ତୁତ । ଆରଏସ୍ ପି ନୂତନ ପ୍ଲେଟ୍ ମିଲ୍ ଓ ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଂଟ ରୁଟ୍ ମାଧ୍ୟମରେ ୧୪୯୨ ଟନ୍ ଓଜନର ଏସଏସଟିଏମ ଏ ୩୮୭ କ୍ଲାସ୍ ୨ (ଜିଆର.୧୧/୧୨) ସାଧାରଣ ଏବଂ ଟେମ୍ପର୍ଡ ପ୍ଲେଟ୍ ମଧ୍ୟ ଯୋଗାଇଥିଲା, ଯାହା ବଏଲର୍ ଏବଂ ରିଆକ୍ଟରରେ ଉଚ୍ଚ-ତାପମାନ ଚାପନିରୋଧୀ ଜାହାଜ ପାଇଁ ଏକ ଆଦର୍ଶ । ବୈଦ୍ୟୁତିକ ଇସ୍ପାତରେ, ଆରଏସପି ବୈଦ୍ୟୁତିକ ମେସିନ୍ ପାଇଁ ଅଲ୍ଟ୍ରା-କମ୍ କାର୍ବନ (୦.୦୩-୦.୦୬ ପ୍ରତିଶତ) ସହିତ ଗ୍ରେଡ୍-୧ ଏସଆଇ କେ ଏଚଆର କଏଲଗୁଡ଼ିକୁ ରୋଲ୍ କରିଛି । ଆରଏଚଓବି ରୁଟ୍ ବ୍ୟବହାର କରି ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ-୨) ବିଭାଗ ମାଧ୍ୟମରେ ଉଚ୍ଚ-ଗ୍ରେଡ୍ ସିଆରଏନଓ ସିଟ୍ (୫୦ସି୪୭୦/୫୦ସି୪୦୦) ତିଆରି କରାଯାଇଥିଲା, ଯାହା ଦକ୍ଷ ମୋଟର ଏବଂ ଟ୍ରାନ୍ସଫର୍ମର ପାଇଁ ଅତ୍ୟନ୍ତ ଉଚ୍ଚ ମାନର । ଅଟୋମୋଟିଭ୍ କ୍ଷେତ୍ର ପାଇଁ, ଏଚଏସଏମ-୨ ରେ ଆଇଏସ ୧୧୫୧୩ ସିଆର ୪ ଅନୁସାରେ ଅତିରିକ୍ତ ଡିପ୍ ଡ୍ରଇଂ ଷ୍ଟିଲ୍ (ଇଡିଡି) ଉତ୍ପାଦନ କରାଯାଇଥିଲା, ଯାହା ଅସାଧାରଣ ଫର୍ମାବିଲିଟି ସହିତ କାର୍ ବଡି ଭଳି ଜଟିଳ ଡିପ୍-ଡ୍ରନ୍ ଉପାଦାନଗୁଡ଼ିକୁ ସାର୍ଥକ କରି ପାରିବ । ଏହି ଉନ୍ନତିଗୁଡ଼ିକ ମୂଲ୍ୟଯୁକ୍ତ ଉତ୍ପାଦ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ରଣନୈତିକ ସାମଗ୍ରୀରେ ଆତ୍ମନିର୍ଭରଶୀଳତା ପ୍ରତି ଆରଏସପି ର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନା କରିଛି, ଯାହା ଭାରତର ପ୍ରତିରକ୍ଷା ଆଧୁନିକୀକରଣ, ସ୍ୱଚ୍ଛ ଶକ୍ତି ଏବଂ ଯାନବାହାନ ନିର୍ମାଣ ଲକ୍ଷ୍ୟକୁ ପୂର୍ଣ୍ୟ ସମର୍ଥନ କରିପାରିବ । ସୂଚନାଯୋଗ୍ୟ ଯେ, ନିଜର ଶ୍ରେଷ୍ଠ ମାନବସମ୍ବଳ ଉପଯୋଗ କରି ଆରଏସପି ଏହାର ଅପଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ୍ ସୁବିଧାଗୁଡ଼ିକରୁ ସ୍ଥାୟୀ, ଚିରନ୍ତନୀ ଇସ୍ପାତ ନିର୍ମାଣରେ ନେତୃତ୍ୱ ନେଇ ଆସୁଅଛି ।